

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୯ ଅଗଷ୍ଟ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 09 AUGUST 2020

Vol.No. 30 ■ No. 201■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman

ଡେପସାଙ୍ଗ ଅଞ୍ଚଳରେ ବିବାଦ

ସେନା ହଟାଇବାକୁ ଚୀନ୍ ସହ ମେଜର ଜେନେରାଲ ସ୍ତରୀୟ ଆଲୋଚନା ଜାରି

ନୂଆଦିଲ୍ଲୀ ,୮।୮ (ନି.ପ୍ର): ଗଲୱାନ୍ ଅଂଚଳର ଉତରରେ ଥିବା ଡେପସାଙ୍ଗ ସମତଳ ଅଂଚଳରୁ ସୈନ୍ୟ ହଟାଇବା ଭାରତ ଏବଂ ଚୀନ୍ ମଧ୍ୟରେ ମେଜର ଜେନେରାଲ ସ୍ତରୀୟ ଆଲୋଚନା ଜାରି ରହିଛି । ଏହି ବାର୍ତାଳାପ ଦୌଲତ ବେଗ ଓଲଡି ଠାରେ ଚାଲିଛି । ଭାରତ ପକ୍ଷରୁ ୩ ମାଉଣ୍ଟେନ୍ ଡିଭିଜନର ଜେନେରାଲ୍ ଅଫିସର କମାଣ୍ଡିଂ ମେଜର ଜେନେରାଲ୍ ଅଭିଜିତ୍ ବାପଟ ଏହି ଆଲୋଚନାରେ ରହିଛନ୍ତି । ଚୀନ୍ ପକ୍ଷରୁ ପିପୁଲ୍ସ ଲିବରେସନ୍ ଆର୍ମି (ପିଏଲଏ) ସିନିୟର କର୍ଣ୍ଣେଲ ହାନ ରୁଇ ଥା ଏହି ସଭାର ନେତୃତ୍ୱ ନେଉଛନ୍ତି । ଡେପସାଙ୍ଗର ବିପରୀତ ପାର୍ଶ୍ୱରେ ପ୍ରାୟ ୧୫,୦୦୦ ଚୀନ୍ ସୈନିକଙ୍କର ଏକ ବିଶାଳ ସମାବେଶ ହୋଇଛି ।ଏହାକୁ ହଟାଇବା ପାଇଁ ବୈଠକରେ ଆଲୋଚନା ହେବ । ୧୬,୦୦୦ ଫୁଟ ଉଚ୍ଚତାରେ ୯୦୦ ବର୍ଗ କିଲୋମିଟର ସମତଳ ଅଂଚଳରୁ ସୈନ୍ୟ ପ୍ରତ୍ୟାହାର ଏବଂ ସେଠାରୁ ଅପସାରଣ ବ୍ୟବସ୍ଥା ଉପରେ ଆଲୋଚନା ହେବ । ଏଲଏସି (ଲାଇନ୍ ଅଫ୍ ଆକ୍ଟୁଆଲ୍ କଂଟ୍ରାଲ୍) ଠାରେ ପୂର୍ବସ୍ଥିତି ଫେରାଇ ଆଣିବାକୁ ଏକ କମାଣ୍ଡର ସ୍ତରୀୟ ବାର୍ତାଳପ ହୋଇଥିଲା, କିନ୍ତୁ କୌଣସି ଠୋସ୍ ସମାଧାନ ହୋଇପାରି ନାହିଁ । ଏହା ପରେ ଶନିବାର ମେଜର ଜେନେରାଲ ସ୍ତରୀୟ ଆଲୋଚନା ଚାଲିଛି । ଉଲ୍ଲେଖ୍ୟଯୋଗ୍ୟ ଭାରତୀୟ ସେନାର ଡେପସାଙ୍ଗରେ ଭଲ ଅନୁପ୍ରବେଶ ହୋଇଥିବାବେଳେ ପିପୁଲ୍ସ ଲିବରେସନ୍ ଆର୍ମି ଏହାର ପୂର୍ବ ମୁଣ୍ଡରେ ଅଛି । ଚୀନ୍ ସୈନ୍ୟମାନେ ଦୌଲତ୍ ବେଗ୍ ଓଲଡିର ରଣନୀତିକ ଏୟାରଫିଲ୍ଡଠାରୁ ୨୫ କିଲୋମିଟର ଦୂରରେ ଥିବା 'ବଟଲେନେକ୍' ନାମକ ଏକ ଅଂଚଳ ଉପରେ ଧ୍ୟାନ ଦେଉଛନ୍ତି ।

ଗିରୀଶ ଚନ୍ଦ୍ର ମୁର୍ମୁ ସିଏଜି ଭାବେ ନେଲେ ଶପଥ



ନୂଆଦିଲ୍ଲୀ,୮।୮ (ନି.ପ୍ର): ଗିରୀଶ ଚନ୍ଦ୍ର ମୁର୍ମୁ ଶନିବାର ଦିନ ଦେଶର ନୂଆ ସିଏଜି(ମହାଲେଖା ନିୟନ୍ତ୍ରକ ଓ ମହା ସମୀକ୍ଷକ) ଭାବେ ଶପଥ ଗ୍ରହଣ କରିଛନ୍ତି । ରାଷ୍ଟ୍ରପତି ଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଜି ରାଷ୍ଟ୍ରପତି ରାମନାଥ କୋବିନ୍ଦ ଗିରୀଶଙ୍କୁ ଶପଥ ପାଠ କରାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଭେଙ୍କେୟା ନାଇଡୁ, ପ୍ରଧାମନ୍ତ୍ରୀ ନରେନ୍ଦ୍ର ମୋଦୀ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରମୁଖ ଉପସ୍ଥିତ ଥିଲେ । ଉଲ୍ଲେଖନୀୟ ଯେ ୧୯୮୫ ବ୍ୟାଚର ଗୁଜରାତ କାଡରର ଆଇଏଏସ ଅଧିକାରୀ ଗିରୀଶ ଚନ୍ଦ୍ର ମୁର୍ମୁ ଏହା ପୂର୍ବରୁ ଜାମ୍ମୁ କାଶ୍ମୀରର ଉପରାଜ୍ୟପାଳ ଭାବେ ଦାୟିତ୍ୱରେ ଥିଲେ । ସେ ଅଗଷ୍ଟ ମାସ ୫ ତାରିଖ ଦିନ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ ।

ଇସ୍ରୋର୍ ଗଗନଯାନ ମିଶନରେ ଓଡିଶାର୍ ନିଖିଲ୍ ରଥ

ଭୁବନେଶ୍ୱର,୮।୮ (ନି.ପ୍ର): ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ମାନବ ମହାକାଶ ମିଶନ ଗଗନଯାନରେ ସାମିଲ ହେବାକୁ ଯାଉଛନ୍ତି ଓଡ଼ିଆ ପୁଅ ୱିଙ୍ଗ କମାଣ୍ଡର ନିଖିଲ ରଥ । ୨୦୨୨ରେ ହେବାକୁ ଥିବା ଏହି ମିଶନ ପାଇଁ ଚୂଡ଼ାନ୍ତ କରାଯାଇଥିବା ୪ ଜଣ କ୍ରିଉ ସଦସ୍ୟଙ୍କ ମଧ୍ୟରେ ସେ ସ୍ଥାନ ପାଇଛନ୍ତି । ସବୁକିଛି ଯୋଜନା ଅନୁସାରେ ଚାଲିଲେ ସେ ମହାକାଶକୁ ଯିବାରେ ପ୍ରଥମ ଓଡ଼ିଆ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଋଷିଆରେ ତାଲିମ ନେଉଥିବା ଭାରତୀୟ ବାୟୁସେନାର ଗଗନଯାନ ଟିମ ନିକଟରେ ନିଜର ତାଲିମ ଶେଷ କରିଛି । ଏହି ଟିମରେ ଥିବା ନିଖିଳ ନିଜର ତାଲିମ ସଂପୂର୍ଣ୍ଣ କରିଛନ୍ତି । ନିଖିଲଙ୍କ ପରିବାର ବଲାଙ୍ଗୀର ସହରର ସୁଦପଡ଼ା ରୁହନ୍ତି । ଗତ ୨୦୦୪ ମସିହାରେ ନିଖିଲ ବାୟୁସେନାରେ ସାମିଲ ହୋଇଥିଲେ । ବର୍ତମାନ ସେ ଚଣ୍ଡୀଗଡ଼ ଏୟାରବେସ୍ ରେ ୱିଙ୍ଗ୍ କମାଣ୍ଡର ଭାବେ କାର୍ଯ୍ୟରତ ଅଛନ୍ତି । ଏୟାରଫୋର୍ସର ଅନେକ କଠିନ ମିଶନରେ ନିଖିଲ ସାମିଲ ଥିବାବେଳେ ସଫଳତାର ସହ ତାକୁ ସଂପାଦନ କରି ଅନେକ ଥର ପୁରସ୍କୃତ ମଧ୍ୟ ହୋଇଛନ୍ତି ।

୨,୩୭୩ କୋଟି ଟଙ୍କାର ୭୬ଟି ପ୍ରସ୍ତାବକୁ ମଞ୍ଜୁରି

ଭୁବନେଶ୍ୱର,୮।୮ (ନି.ପ୍ର): ଓଡ଼ିଶା ଶିଳ୍ପ ଉନ୍ନୟନ ନିଗମ(ଇଡ୍‌କୋ)ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସଂଜୟ କୁମାର ସିଂଙ୍କ ସଭାପତିତ୍ୱରେ ଆଜି ଭିଡ଼ିଓ କନ୍‌ଫରେନ୍ସ ଜରିଆରେ ଅନୁଷ୍ଠିତ ଜମି ଆବଂଟନ କମିଟିର ବୈଠକରେ ରାଜ୍ୟରେ ବିଭିନ୍ନ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ଏକାଧିକ ବିଭାଗ ଦ୍ୱାରା ପ୍ରଦତ ୭୬ଟି ପ୍ରସ୍ତାବକୁ ମଞ୍ଜୁର କରାଯାଇଛି । ଏହା ଫଳରେ ରାଜ୍ୟରେ ୨,୩୭୩ କୋଟି ଟଙ୍କାର ପୁଞ୍ଜିନିବେଶ ସହ ୪୦୬୩ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ବରିଷ୍ଠ ପଦାଧିକାରୀମାନେ ବୈଠକରେ ଅଂଶଗ୍ରହଣ କରିଥିଲେ ।

ରାଜ୍ୟରେ ଆଉ ୧୨ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୨୫୯ ହେଲା

ଭୁବନେଶ୍ୱର,୮।୮ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୨ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୨୫୯ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଗଂଜାମ, କେନ୍ଦୁଝର, କନ୍ଧମାଳ ଓ ଖୋର୍ଧାରୁ ୨ ଜଣ ଲେଖାଏ ତଥା ବାଲେଶ୍ୱର, ବରଗଡ, ଗଜପତି ଓ ସୁନ୍ଦରଗଡ ଜିଲ୍ଲାର ଜିଲ୍ଲାର ଜଣେ ଜଣେ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବରଗଡ ଜିଲ୍ଲାର ୬୦ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । ସେହିପରି ସୁନ୍ଦରଗଡ ଜିଲ୍ଲାର ଜଣେ ୫୫ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୬୭ ବର୍ଷୀୟ କରୋନା ଆକ୍ରାନ୍ତଡବ୍‌କ ମଧ୍ୟ ମୃତ୍ୟୁ

▶▶ପୃଷ୍ଠା ୭

ବରଗଡ ସାଂସଦ ସୁରେଶ ପୂଜାରୀଙ୍କୁ କରୋନା

ଭୁବନେଶ୍ୱର,୮।୮ (ନି.ପ୍ର): ବରଗଡ଼ର ଲୋକସଭା ସାଂସଦ ସୁରେଶ ପୂଜାରୀ କରୋନା ଆକ୍ରାନ୍ତ ହୋଇଛନ୍ତି । ବର୍ତମାନ ସେ ହୋମ୍ ଆଇସୋଲେସନରେ ଅଛନ୍ତି । ଏ ନେଇ ସେ ଟୁଇଟ କରି ଜଣାଇଛନ୍ତି । ଟୁଇଟରେ ସେ ଉଲ୍ଲେଖ କରିଛନ୍ତି ଯେ କୋଭିଡ-୧୯ର ଲକ୍ଷଣ ନ ଥାଇ ମଧ୍ୟ ମୁଁ ଗତକାଲି କରୋନା ପରୀକ୍ଷା ପାଇଁ ମୋର ସ୍ୱାବ ନମୁନା ଦେଇଥିଲି । ଆଜି ମୋର ରିପୋର୍ଟ ପଜିଟିଭ୍ ଆସିଛି ବୋଲି ବରଗଡ଼ ଜିଲ୍ଲାପାଳ ମୋତେ ସୂଚନା କରିଛନ୍ତି । ସମ୍ବଲପୁର ଓ ବରଗଡ଼ ଜିଲ୍ଲାପାଳ ତଥା ଡ଼ାକ୍ତରଙ୍କ ପରାମର୍ଶ କ୍ରମେ ମୁଁ ହୋମ୍ ଆଇସୋଲେସନରେ ଅଛି ଏବଂ ସୁସ୍ଥ ଅଛି ବୋଲି ସେ ଟୁଇଟ କରି ଜଣାଇଛନ୍ତି ।

କେରଳ ବିମାନ ଦୁର୍ଘଟଣାର ଜାଂଚ ଆରମ୍ଭ: ୧୮ ମୃତ

ନୂଆଦିଲ୍ଲୀ,୮।୮ (ନି.ପ୍ର): କେରଳର କୋଝିକୋଡ ସ୍ଥିତ କରିପୁର ଆନ୍ତର୍ଜାତିକ ବିମାନ ବନ୍ଦରରେ ଘଟିଥିବା ଦୁର୍ଘଟଣାରେ ଦୁଇ ପାଇଲଟଙ୍କ ସମେତ ବର୍ତମାନ ଯାଏ ୧୮ ଜଣଙ୍କର ମୃତ୍ୟୁ ଘଟିଛି । ଲ୍ୟାଣ୍ଡିଂ କରିବା ସମୟରେ ବିମାନଟି ଦୁଇ ଭାଗରେ ବିଭକ୍ତ ହୋଇ ଯାଇଥିଲେ । ବିମାନର ଧ୍ୱଂସାବଶେଷରୁ ଫସି ରହିଥିବା ସମସ୍ତ ଲୋକଙ୍କୁ ବାହାର କରିବାର କାମ ଗତ କାଲି ମଧ୍ୟରାତ୍ରୀରେ ଶେଷ ହୋଇଥିଲା । ଏଏଆଇ, ଡିଜିସିଏ ଓ ଫ୍ଲାଇଟ ସେଫଟି ଡିପାର୍ମଟମେଂଟର ଟିମ ଆଜି ସକାଳେ ଘଟଣା ସ୍ଥଳରେ ପହଂଚି ଜାଂଚ କାମ ଆରମ୍ଭ କରି ଦେଇଛନ୍ତି । ମଲାପୁରମ ଜିଲ୍ଲାର ଜିଲ୍ଲାପାଳ କେ ଗୋପାଳକୃଷ୍ଣ ଆଜି ସକାଳେ ୧୮ ଜଣଙ୍କର ଏହି ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ସମ୍ପର୍କରେ ସୂଚନା ଦେଇଛନ୍ତି ।

କରୋନାରେ ଦେଶରେ ଗତ ୨୪ ଘଂଟାରେ ୯୩୩ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୮।୮ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୬୧୫୩୭ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୯୩୩ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଦେଶରେ କୋରୋନା ସଂଖ୍ୟା ୨୦୮୮୬୧୨ ରେ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଦେଶରେ ବର୍ତମାନ ୬୧୯୦୮୮ ସକ୍ରିୟ ରୋଗୀ ଅଛନ୍ତି ।

ପ୍ରଧାନମନ୍ତ୍ରୀ ମୋଦି ଆଜି ଜାରୀ କରିବେ ପିଏମ କିସାନ ଯୋଜନାର ଷଷ୍ଠ କିସ୍ତି

ନୂଆଦିଲ୍ଲୀ,୮।୮ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଦିନ ପିଏମ କିସାନ ଯୋଜନାର ଷଷ୍ଠ କିସ୍ତି ଜାରୀ କରିବେ । ଏହା ସହ ସେ କୃଷି ଭିତିଭୂମି ପାଣ୍ଠିରେ ଏକ ଲକ୍ଷ କୋଟି ଟଙ୍କାର ବିତ ପୋଷଣ ସୁବିଧାର ମଧ୍ୟ ଶୁଭାରମ୍ଭ କରିବେ । ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି । ପିଏମଓ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ପ୍ରଧାନମନ୍ତ୍ରୀ ରବିବାର ଦିନ ୧୧ଟାରେ ଭିଡିଓ କନଫ୍ରେନ୍ସିଂଗ ଜରିଆରେ କୃଷି ଭିତିଭୂମି ପାଣ୍ଠିରେ ଏକ ଲକ୍ଷ କୋଟି ଟଙ୍କାର ବିତ ପୋଷଣ ସୁବିଧାର ଶୁଭାରମ୍ଭ କରିବେ । ଗତ ଜୁଲାଇ ମାସରେ କୃଷି ଭିତିଭୂମି ପ୍ରକଳ୍ପ ଗୁଡିକୁ କମ ହାରରେ ଋଣର ବିସ୍ତାର କରିବା ପାଇଁ ଏକ ଲକ୍ଷ କୋଟି ଟଙ୍କାର ପାଣ୍ଠି ସହ କୃଷି ଭିତିଭୂମି ପାଣ୍ଠିର ସ୍ଥାପନାକୁ ମଂଜୁରୀ ଦିଆ ଯାଇଥିଲା । ପ୍ରଧାନମନ୍ତ୍ରୀ କିସାନ ଯୋଜନାରେ ଷଷ୍ଠ କିସ୍ତି ମଧ୍ୟ ଜାରୀ କରିବେ ପ୍ରଧାନମନ୍ତ୍ରୀ । ଏଥିରେ ୮.୫ କୋଟି ଚାଷୀଙ୍କୁ ୧୭,୦୦୦ କୋଟି ଟଙ୍କାର ବିତରଣ କରା ଯିବ ।

୨୯ ଦିନ ପରେ କରୋନାରୁ ସୁସ୍ଥ ହେଲେ ଅଭିଷେକ ବଚ୍ଚନ

ମୁମ୍ବାଇ,୮।୮ (ନି.ପ୍ର): ହସ୍ପିଟାଲରେ ୨୯ ଦିନ ବିତାଇବା ପରେ କରୋନାରୁ ସୁସ୍ଥ ହୋଇଛନ୍ତି ବଲିଉଡ୍ ଅଭିନେତା ଅଭିଷେକ ବଚ୍ଚନ । ଅଭିଷେକ ବଚ୍ଚନଙ୍କ କରୋନା ରିପୋର୍ଟ ପଜିଟିଭ ମିଳିବା ପରେ ଗତ ଜୁଲାଇ ୧୧ ରେ ମୁମ୍ବାଇର ନାନାବତୀ ଡାକ୍ତରଖାନାରେ ଭର୍ତି କରାଯାଇଥିଲା । ବର୍ତମାନ ତାଙ୍କ ରିପୋର୍ଟ ନେଗେଟିଭ୍ ଆସିଛି ଏବଂ ସେ ଘରକୁ ଯିବାକୁ ପ୍ରସ୍ତୁତ । ଅଭିଷେକ ନିଜେ ସୋସିଆଲ ମିଡିଆରେ ଏହି ଖୁସି ଖବର ସେୟାର କରିଛନ୍ତି । ଅଭିଷେକ ତାଙ୍କ ଟୁଇଟରରେ ଉଲ୍ଲେଖ କରିଛନ୍ତି ଯେ ଆଜି ଅପରାହ୍ନରେ ମୋର କରୋନା ପରୀକ୍ଷା ନକାରାତ୍ମକ ହୋଇଛି । ମୋ ପାଇଁ ପ୍ରାର୍ଥନା କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ । ମୁଁ ବହୁତ ଖୁସି ଯେ ମୁଁ ଘରକୁ ଫେରୁଛି ।

▶▶ପୃଷ୍ଠା ୭

ପ୍ରବଳ ବର୍ଷା ସମ୍ଭାବନା ଥିବା ୧୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୮।୮ (ନି.ପ୍ର): ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ଆଗାମୀ ୧୩ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିପାରେ । ଏହି ପରିପ୍ରେକ୍ଷୀରେ ଆସନ୍ତା ୪୮ ଘଂଟା ମଧ୍ୟରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ମଧ୍ୟମରୁ ପ୍ରବଳ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ଜଗତସିଂହପୁର, କେନ୍ଦ୍ରାପଡ଼ା, ପୁରୀ, ମୟୂରଭଞ୍ଜ, କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ବୌଦ୍ଧ, କନ୍ଧମାଳ, କୋରାପୁଟ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ଏହି ସମୟ ମଧ୍ୟରେ କାଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୁଳ, ଢ଼େଙ୍କାନାଳ, କଟକ, ଖୋର୍ଦ୍ଧା, ଗଞ୍ଜାମ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାମାନଙ୍କରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହିତ ବର୍ଷା ହେବାର ସମ୍ଭାବନା ରହିଛି । ସେଥିପାଇଁ ଏହି ସମସ୍ତ ଜିଲ୍ଲାଗୁଡ଼ିକକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର ।

୩୦ ହଜାର ଟପିଲା କରୋନା ଆରୋଗ୍ୟ ସଂଖ୍ୟା

ଭୁବନେଶ୍ୱର, ୦୮ ଅଗଷ୍ଟ – ଆଜି ରାଜ୍ୟରେ କରୋନାରୁ ସୁସ୍ଥଙ୍କ ସଂଖ୍ୟା ୩୦ ହଜାର ଟପିଛି । ରାଜ୍ୟର ୨୬ଟି ଜିଲ୍ଲାରୁ ଶନିବାର ୧୫୪୪ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଫଳରେ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୩୦ ହଜାର ୨୪୧ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ଆଜି ଗଂଜାମ ଜିଲ୍ଲାରୁ ସର୍ବାଧିକ ୫୬୦ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଖୋର୍ଦ୍ଧା ଜିଲ୍ଲାରୁ ୨୦୩ ଜଣ, କୋରାପୁଟ ଜିଲ୍ଲାରୁ ୧୪୩ ଜଣ, ଗଜପତି ଜିଲ୍ଲାରୁ ୭୫ ଜଣ, ନୟାଗଡ଼ରୁ ୬୨ ଜଣ, ସୁନ୍ଦରଗଡ଼ରୁ ୫୯ ଜଣ, କନ୍ଧମାଳରୁ ୪୧ ଜଣ, କଟକରୁ ୩୭ ଜଣ, କଳାହାଣ୍ଡି ଓ ରାୟଗଡ଼ାରୁ ୩୬ ଜଣ ଲେଖାଏଁ ଓ ଯାଜପୁର ଜିଲ୍ଲାରୁ ୩୪ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ବାଲେଶ୍ୱର ଜିଲ୍ଲାରୁ ୩୩ ଜଣ, ପୁରୀରୁ ୩୨ ଜଣ, ସମ୍ବଲପୁରରୁ ୩୧ ଜଣ, ମାଲକାନଗିରିରୁ ୨୪ ଜଣ, କେନ୍ଦ୍ରାପଡ଼ାରୁ ୨୧ ଜଣ, କେନ୍ଦୁଝରରୁ ୧୭ ଜଣ, ବରଗଡ଼, ବଲାଙ୍ଗୀରରୁ ୧୬ ଜଣ ଲେଖାଏଁ, ଢେଙ୍କାନାଳରୁ ୧୩ ଜଣ, ମୟୂରଭଂଜରୁ ୧୨ ଜଣ, ଭଦ୍ରକ, ଜଗତସିଂହପୁର, ସୁବର୍ଣ୍ଣପୁରରୁ ୮ ଜଣ ଲେଖାଏଁ, ନୂଆପଡ଼ା ଓ ଅନୁଗୁଳରୁ ୬ ଜଣ ଲେଖାଏଁ , ନବରଙ୍ଗପୁରରୁ ୪ ଜଣ ଏବଂ ଝାରସୁଗୁଡାରୁ ୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ସ୍ୱତନ୍ତ୍ର ପ୍ୟାକେଜ୍ କାର୍ଯ୍ୟକାରୀ କରିବା ଦିଗରେ ଅଧିକାରୀମାନେ ଅଧିକ କ୍ରିୟାଶୀଳ ହୁଅନ୍ତୁ : ମନ୍ତ୍ରୀ ଡ. ସାହୁ

ଆଗୁଆ ମାଛ ଜାଆଁଳ ଯୋଗାଣ ଏବଂ ଗୋସଂପଦ ନିମନ୍ତେ କୃତ୍ରିମ ପ୍ରଜନନକୁ ବ୍ୟାପକ କରିବା ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର,୦୮।୮ (ନି.ପ୍ର): ରାଜ୍ୟର ଅର୍ଥନୈତିକ ପ୍ରଗତି ଏବଂ କୃଷକମାନଙ୍କର ଆୟବୃଦ୍ଧି ଦିଗରେ ମତ୍ସ୍ୟ ଓ ପ୍ରାଣୀସଂପଦର ଏକ ମହତ୍ୱପୂର୍ଣ୍ଣ ଯୋଗଦାନ ରହିଥିବା ପରିପ୍ରେକ୍ଷୀରେ କୃଷି ସହିତ ଆନୁଷଙ୍ଗିକ କ୍ଷେତ୍ରକୁ ରାଜ୍ୟ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ମାଛ, କୁକୁଡ଼ା, ଅଣ୍ଡା, ଦଗ୍ଧ ଆଦି ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ସହିତ ରାଜ୍ୟକୁ ଏକ ବଳକା ରାଜ୍ୟରେ ପରିଣତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି । ଆଜି ଆୟୋଜିତ ଭର୍ଚୁଆଲ୍ ? ବୈଠକରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ଯୋଜନାର ଅଗ୍ରଗତି ସଂପର୍କରେ ସମୀକ୍ଷା କରିବା ଅବସରରେ ମନ୍ତ୍ରୀ ଡ. ସାହୁ ଧାର୍ଯ୍ୟ ଲକ୍ଷ୍ୟକୁ ସମୟସୀମା ମଧ୍ୟରେ ପୂରଣ କରିବା ସହିତ କୋଭିଡ୍ ?-୧୯ ସ୍ଥିତିରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଘୋଷିତ ସ୍ୱତନ୍ତ୍ର ପ୍ୟାକେଜ୍ ? କାର୍ଯ୍ୟକାରୀ କରି ଲୋକମାନଙ୍କୁ ରୋଜଗାର ଯୋଗାଇଦେବା ଓ ଆୟ ବୃଦ୍ଧି କରିବା ଦିଗରେ ଅଧିକ କ୍ରିୟାଶୀଳ ହେବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ମାଛଚାଷୀମାନଙ୍କୁ ଆଗୁଆ ମାଛ ଜାଆଁଳ ଯୋଗାଇଦେବାର ଆବଶ୍ୟକତା ଦୃଷ୍ଟିରୁ ଚଳିତ ବର୍ଷ ବିଭିନ୍ନ ପ୍ରକାରର ମାଛ ଜାଆଁଳ ସରକାରୀ ଓ ଓପିଡିସି ଫାର୍ମ ଜରିଆରେ ଅଗଷ୍ଟ ୩୧ ତାରିଖ ସୁଦ୍ଧା ଉତ୍ପାଦନ ଲକ୍ଷ୍ୟ ହାସଲ କରବା ପାଇଁ ମନ୍ତ୍ରୀ ଡ. ସାହୁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଗ୍ରାମପଂଚାୟତ ପୋଖରୀରେ ମାଛଚାଷ ନିମନ୍ତେ ପ୍ରୋତ୍ସାହିତ କରାଯାଉଥିବା ପରିପ୍ରେକ୍ଷୀରେ ଅଦ୍ୟାବଧି ଧାର୍ଯ୍ୟ ଲକ୍ଷ୍ୟ ୧୬୦୦ ହେକଫର ଗ୍ରାମପଞ୍ଚାୟତ ପୋଖରୀ ମଧ୍ୟରୁ ୧୫୯୩.୮୦ ହେକଫର ଚିହ୍ନଟ କରାଯାଇଥିବାବେଳେ ୮୭୯.୦୧ ହେକଫର ଗ୍ରାମପଂଚାୟତ ପୋଖରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଦୀର୍ଘମିଆଦି ସୂତ୍ରରେ ଲିଜ୍ ଦିଆଯାଇଛି । ସେହିପରି ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣାରେ ମତ୍ସ୍ୟ ପୋଖରୀ ଯୋଜନାରେ ମାଛଚାଷକୁ ଅଧିକ ବ୍ୟାପକ କରିବା ପାଇଁ ହିତାଧିକାରୀ ଚୟନ ଓ ଅନୁମୋଦନ ପ୍ରକ୍ରିୟାକୁ ୨୦୨୦ ସେପେମ୍ବର ୩୦ ତାରିଖ ସୁଦ୍ଧା ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ମତ୍ସ୍ୟଚାଷୀ ପରିବାରଙ୍କୁ କିଷାନ କ୍ରେଡିଟ୍ କାର୍ଡ ଯୋଗାଇଦେବା ଲକ୍ଷ୍ୟରେ ଜୁନ୍ ୧୦ ତାରିଖରୁ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଅଭିଯାନ ଗ୍ରହଣ କରାଯାଇଛି । ଏହି ମର୍ମରେ ଜିଲ୍ଲା ମତ୍ସ୍ୟ ଅଧିକାରୀମାନେ ଗ୍ରହଣ କରିଥିବା ଆବେଦନ ପତ୍ରଗୁଡ଼ିକ ସଂପୃକ୍ତ ବ୍ୟାଙ୍କଗୁଡ଼ିକୁ ଅଗଷ୍ଟ ୩୧ ତାରିଖ ସୁଦ୍ଧା ପ୍ରେରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ୟାକେଜ୍ ଅନ୍ତର୍ଗତ ବାୟୋଫ୍ଲେକ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରି ମାଛଚାଷ ଏବଂ ପଲିଲାଇନିଂ ଚିଙ୍ଗୁଡ଼ି ଚାଷ ଉପରେ ଗୁରୁତ୍ୱ ଦିଆଯାଇଥିବା ପରିପ୍ରେକ୍ଷୀରେ ଚାଷୀମାନଙ୍କୁ ଏ ଦିଗରେ ପ୍ରୋତ୍ସାହିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ବୈଠକରେ ଗୋସଂପଦକୁ ବିଭିନ୍ନ ପ୍ରକାର ରୋଗ ପ୍ରକୋପରୁ ରକ୍ଷା କରିବା ଦିଗରେ କରାଯାଉଥିବା ଟୀକାକରଣ କାର୍ଯ୍ୟକ୍ରମକୁ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏଥି ସହିତ ଜାତୀୟ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମର ଫେଜ୍-୨ରେ ୧୫ ଲକ୍ଷ ଗୋସଂପଦକୁ ସାମିଲ କରାଯିବାର ଲକ୍ଷ୍ୟ ରଖାଯାଇଛି । ଏହି କାର୍ଯ୍ୟକ୍ରମ ଅଗଷ୍ଟ ୧୦ ତାରିଖରୁ ଆରମ୍ଭ କରାଯିବ ଏବଂ ପ୍ରତ୍ୟେକ ଜିଲ୍ଲାରେ ୫୦୦ ଗ୍ରାମକୁ ଏଥି ନିମନ୍ତେ ଚିହ୍ନଟ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏତଦ୍‌ବ୍ୟତୀତ ବୈଠକରେ ଡିପ୍ ଲିଟର ପଦ୍ଧତିରେ ୫୦୦ କ୍ଷମତାବିଶିଷ୍ଟ କୁକୁଡ଼ା ଚାଷ, ୧୦୦୦ଟି କ୍ଷମତାବିଶିଷ୍ଟ ଅଣ୍ଡାଦିଆ କୁକୁଡ଼ା ଚାଷ, ୨୦୦ଟି କ୍ଷମତାବିଶିଷ୍ଟ ଡିପ୍ ଲିଟର ପଦ୍ଧତିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଅଣ୍ଡାଦିଆ କୁକୁଡ଼ା ଚାଷ ଓ ଜୀବିକାର୍ଜନରେ ସହାୟତା ନିମନ୍ତେ ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ବାରିଅଗଣା କୁକୁଡ଼ା ଚାଷ ନିମନ୍ତେ ରାଜ୍ୟ ଯୋଜନା ଏବଂ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ପୂରଣ କରିବା ପାଇଁ ମନ୍ତ୍ରୀ ଡ. ସାହୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଆର. ରଘୁ ପ୍ରସାଦ, ପ୍ରାଣୀପାଳନ ଓ ପ୍ରାଣୀପାଳନ ଚିକିତ୍ସା ନିର୍ଦ୍ଦେଶକ ଶ୍ରୀ ରନ୍ଜିକର ରାଉତ, ମତ୍ସ୍ୟ ନିର୍ଦ୍ଦେଶକ ଶ୍ରୀ ସ୍ମୃତିରଞ୍ଜନ ପ୍ରଧାନଙ୍କ ସମେତ ଜିଲ୍ଲାର ସମସ୍ତ ସିଡିଭିଓ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଓ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ ।

ଗଣେଶ ପୂଜା ଓ ମହରମ ପାଇଁ ସମନ୍ୱୟ କମିଟି ବୈଠକ

ଭଦ୍ରକ, ୮/୮ (ହି.ସ.) - ଆଗାମୀ ଗଣେଶ ପୂଜା ଓ ମହରମ୍ ପାଳନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମନ୍ୱୟ କମିଟି ବୈଠକ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଡ. ଜ୍ଞାନ ଦାସ ବୈଠକରେ ଅଧ୍ୟକ୍ଷତା କରି କୋବିଡ଼ କଟକଣା ଆସନ୍ତା ଅଗଷ୍ଟ ୩୧ ପର୍ଯ୍ୟନ୍ତ ବଳବ ର ରହିଥିବା ବେଳେ ଏହି ସମୟରେ ଦୁଇଟି ପିବତ୍ର ପର୍ବ ପଡୁଥିବାରୁ ଏହାକୁ କୋବିଡ ଆଇନାନୁଯାୟୀ ପାଳନ କରିବାକୁ ଅନୁରୋଧ କରିଥିଲେ । ବିଶେଷ କରି ଧର୍ମାନୁଷ୍ଠାନରେ କଟକଣା ଜାରି ରହିଛି । ଏଠାରେ ଭକ୍ତଙ୍କୁ ଏକତ୍ରିତ ହେବା ପାଇଁ ମନା କରାଯାଇଛି । ସେଥିଲାଗି ଆସନ୍ତା ଗଣେଶ ପୂଜା କେବଳ ସ୍ଥାୟୀ ମନ୍ଦିର ମାନଙ୍କର ଦୁଇଜଣ ପୁରୋହିତଙ୍କୁ ନେଇ ପୂଜା କରାଯିବ ଏବଂ କୌଣସି ଭକ୍ତ ଉପସ୍ଥିତ ରହିବେ ନାହିଁ ବୋଲି ଜିଲ୍ଲାପାଳ ଡ. ଦାସ ସୂଚନା ଦେଇଥିଲେ । ଏହା ବ୍ୟତୀତ ଅସ୍ଥାୟ ଭାବେ ଟେଂଟ କରି କୌଣସି ପୂଜା ହୋଇ ପାରିବ ନାହିଁ କି କୌଣସି ସ୍ଥାୟୀ ମନ୍ଦିର ନିକଟରେ ଭିଡ କରାଯାଇ ପାରିବ ନାହିଁ । ମନ୍ଦିର ନିକଟରେ ବ୍ୟାରିକେଟ କରିବାକୁ ନିର୍ଦ୍ଦେଶ ଦିଆ ଯାଇଛି । ସେହିଭଳି ମହରମ ପର୍ବ କେବଳ ୫ଜଣଙ୍କୁ ନେଇ ନମାଜ ପାଠ କରିବାକୁ କୁହାଯାଇଛି । ଏହା ବ୍ୟତୀତ ସମସ୍ତ ମୁସଲମାନ ସେମାନଙ୍କ ଘରେ ନମାଜ ପାଠ କରିବେ । କୌଣସି ଶୋଭାଯାତ୍ରା ହୋଇ ପାରିବ ନାହିଁ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମସ୍ତ ପର୍ବ ପାଳନ ସମୟରେ ସାମାଜିକ ଦୂରତ୍ୱ ରକ୍ଷା କରିବା ଏବଂ ସମସ୍ତେ ବାଧ୍ୟତାମୂଳକ ଭାବେ ମାସ୍କ ପିନ୍ଧିବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ । ଏହି ବୈଠକରେ ଏସ୍‌ପି ରାଜେଶ ପଣ୍ଡିତ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ୟାମଭକ୍ତ ମିଶ୍ର, ଉପଜିଲ୍ଲାପାଳ ପୀତାମ୍ବର ସାମଲ, ଅତିରିକ୍ତ ଏସ୍‌ପି କୈଳାସ ପରିଡା, ଚଉଦମହଲା ମୁସ୍‌ଲିମ୍ ଜମାତର ସଭାପତି ହାଜି ମହମ୍ମଦ ଅବଦୁଲ ବାରୀ, ହିନ୍ଦୁ ସୁରକ୍ଷା ସମିତିର ବିଦ୍ୟାଧର ସାହୁଙ୍କ ସମେତ ସମସ୍ତ ଗଣେଶ ପୂଜା କମିଟିର ସଭାପତି, ସମ୍ପାଦକମାନେ ଉପସ୍ଥିତ ଥିଲେ ।

ନିର୍ମାଣାଧିନ ଡ୍ରେନ୍‌ର ଲୁହାରଡ଼ ଭୁଷିହୋଇ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଗଞ୍ଜାମ,୦୮।୮ (ନି.ପ୍ର): ଆଜି ସକାଳେ ବ୍ରହ୍ମପୁର ଇଞ୍ଜିନିୟରିଂ ସ୍କୁଲ ରୋଡର ପଣ୍ଡା କଲୋନୀ ନିକଟରେ ଏକ ନିର୍ମାଣାଧିନ ଡ୍ରେନ୍‌ର ଲୁହାରଡ଼ ଜଣେ ଯୁବକଙ୍କ ଛାତିରେ ଭୁଷି ହୋଇଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି । ଯୁବକ ଜଣକ ବାଇକ୍ ରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଡ୍ରେନ୍‌ରେ ପିଟି ହୋଇଯିବା ଫଳରେ ଏଥିରେ ଲାଗିଥିବା ଲୁହାରଡ଼ ତାଙ୍କ ଛାତିରେ ଭୁଷି ହୋଇଯାଇଥିଲା । ନିର୍ମାଣାଧିନ ଡ୍ରେନ୍ ର ଚତୁର୍ପାର୍ଶ୍ୱରେ ବ୍ୟାରିକେଟ୍ କରାଯାଇନଥିବାରୁ ଦୁର୍ଘଟଣା ଘଟିଥିବା ଜଣାପଡିଛି । ତେବେ ମୃତ ଯୁବକଙ୍କ ପରିଚୟ ମିଳିନି । ଖବର ପାଇ ବୈଦ୍ୟନାଥପୁର ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଛାନଭିନ୍ ଜାରୀ ରଖିଛି । ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି ।

କନ୍ଧମାଳ ଜିଲ୍ଲାର ପ୍ରାଣୀ ଚିକିତ୍ସା ବୈଜ୍ଞାନିକଙ୍କ ପରଲୋକ

କନ୍ଧମାଳ,୦୮।୮ (ନି.ପ୍ର): କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକର ନିବାସୀ ପ୍ରାଣୀ ଚିକିତ୍ସା ବୈଜ୍ଞାନିକ ଡ଼ ହରେକୃଷ୍ଣ ପ୍ରଧାନଙ୍କ ୭୭ବର୍ଷ ବୟସରେ ଗତକାଲି ଅପରାହ୍ନ ୩ଟା ବେଳେ ଭୁବନେଶ୍ୱର ଠାରେ ଦେହାନ୍ତ ଘଟିଛି ।ସେ ଭୁବନେଶ୍ୱର ସ୍ଥିତ କୃଷି ବିଶ୍ୱ ବିଦ୍ୟାଳୟରୁ ପ୍ରାଣୀ ଚିକିତ୍ସାରେ ସ୍ନାତକ ଡିଗ୍ରୀ ହାସଲ ପରେ ଉତର ପ୍ରଦେଶର ବରେଲିରୁ ପିଜି କରିବାପରେ ୧୯୭୨ ମସିହାରେ ସେଠାରେ ଥିବା ଭାରତୀୟ ପ୍ରାଣୀ ବିଜ୍ଞାନ ଗବେଷଣା କେନ୍ଦ୍ର (ଇଣ୍ଡିଆନ ଭେଟେନାରୀ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ) ରେ ବୈଜ୍ଞାନିକ ଭାବେ ଯୋଗ ଦେଇଥିଲେ ।ପରେ ସେ ଭୋପାଳ ସ୍ଥିତ ପ୍ରାଣୀ ଉଚ୍ଚ ନିରାପତା ରୋଗ କେନ୍ଦ୍ରର ନିର୍ଦ୍ଦେଶକ ଭାବେ ଯୋଗ ଦେଇଥିଲେ । ଏଠାରେ ସେ ୨୦୦୭ ମସିହାରେ ଚାକିରୀରୁ ଅବସର ଗ୍ରହଣ କରିଥିଲେ । ୨୦୦୮ ମସିହାରୁ ୨୦୧୩ ମସିହା ପର୍ଯ୍ୟନ୍ତ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ପରାମର୍ଶ ଦାତା ଭାବେ ଯୋଗ ଦେଇଥିଲେ ।ତାଙ୍କର ବହୁ ସନ୍ଦର୍ଭ ଭାରତର ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶ ପାଇଛି । ମୃତ୍ୟୁ ପର୍ବରୁ ସେ ଭୁବନେଶ୍ୱରରେ ବସବାସ କରୁଥିଲେ । ତାଙ୍କର ମୃତ୍ୟୁ ଖବର ପାଇବାପରେ ଖଜୁରିପଡ଼ା ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

ଚୋରା ବିଦେଶୀ ମଦ ଜବତ : ବେପାରୀ ଗିରଫ

କୋରେଇ,୦୮।୮ (ନି.ପ୍ର): ଦୀର୍ଘଦିନ ହେଲା ନିଜ ଘରେ ଚୋରା ବିଦେଶୀ ମଦ ରଖି ବିକ୍ରି କରୁଥିବାବେଳେ ପୁଲିସ ହାତରେ ଧରା ପଡିଛି ଜଣେ ବେପାରୀ । ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ଫଚାୟତର ନରପଦା ଗ୍ରାମରେ ନାରଣ ସାହୁଙ୍କ ପୁଅ ଶତ୍ରୁଘନ(କୁନା) ଚୋରା ବିଦେଶୀ ମଦ ବିକ୍ରିର ଖବର ପାଇବାପରେ ଥାନାଧିକାରୀ ସସ୍ମିତା ସାହୁଙ୍କ ନିର୍ଦ୍ଦେଶରେ ଏଏସଆଇ ଅମିୟ କୁମାର ବେହେରା ସଦଳବଳେ ଚଢାଉ କରିଥିଲେ । ଚଢାଉ ସମୟରେ କୁନାଙ୍କ ଘରୁ ୨୦ ବୋତଲ ବିଦେଶୀ ମଦ ଜବତ କରିଥିଲେ । ଫଳରେ କୁନାକୁ ଗିରଫ କରିବା ସହ ଏକ ମାମଲା ୧୭୪/୨୦ ରୁଜୁ କରାଯାଇ ତଦନ୍ତ ଚାଲୁ ରହିଛି ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ।

ଯାତ୍ରା ଶ୍ରମିକଙ୍କ ବକେୟା ଅର୍ଥ ପ୍ରଦାନ ଦାବି : ଯାତ୍ରା କଳାକାର ସଂଘ ପକ୍ଷରୁ ସ୍ମାରକପତ୍ର

ବାଲେଶ୍ୱର,୦୮।୮ (ନି.ପ୍ର): ଯାତ୍ରାପାର୍ଟିରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଯୁବକଙ୍କ ବକେୟା ଦରମା ପ୍ରଦାନ ଦାବି କରି ଯାତ୍ରା କଳାକାର ସଂଘ ପକ୍ଷରୁ ଆଜି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ବିର୍ସମୁଣ୍ଡା ଲେବର ସପ୍ଲାୟର ସଂସ୍ଥା ଜରିଆରେ ବିଭିନ୍ନ ପ୍ରତିଷ୍ଠାନ ସମେତ ନ୍ୟୁ ସଚ୍ଚଦାନନ୍ଦ ଗଣନାଟ୍ୟ ଓ ରାଜଧାନୀ ଅପେରାରେ ୩ ଶହରୁ ଊର୍ଦ୍ଧ୍ୱ ଯୁବକ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । କଳାକାରଙ୍କ ତୁଳନାରେ ଅତ୍ୟନ୍ତ ସ୍ୱଳ୍ପ ବେତନରେ ଚୁକ୍ତି ସହ ଶତାଧିକ ଯୁବକ ଏହି ଦୁଇ ଅପେରା ପାର୍ଟିରେ କାର୍ଯ୍ୟ ଆରମ୍ଭ କରିଥିଲେ । ଚୁକ୍ତି ସମୟରେ କିଛି କିଛି ଅଗ୍ରୀମ ନେଇଥିବା ବେଳେ ବକେୟା ଅର୍ଥ ପରବର୍ତ୍ତୀ ସମୟରେ ଦିଆଯିବ ବୋଲି ପାର୍ଟିର ମାଲିକମାନେ ପ୍ରତିଶ୍ରୁତି ଦେଇଥିଲେ । ତେବେ ମହାମାରୀ କରୋନା ସଂକ୍ରମଣ ଆଶଙ୍କାରେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଗତ ମାର୍ଚ୍ଚମାସ ୧୫ ତାରିଖରୁ ଯାତ୍ରା ପରିବେଷଣ ବନ୍ଦ ରହିଥିଲା । ଏହି ସମୟରେ କିଛି କିଛି ଅର୍ଥ ଦେଇ ଯାତ୍ରା ମାଲିକମାନେ ଶ୍ରମିକମାନଙ୍କୁ ଘରକୁ ପଠାଇ ଦେଇଥିଲେ । ଏକ ସପ୍ତାହ ମଧ୍ୟରେ ସେମାନଙ୍କର ବକେୟା ଦରମା ଅର୍ଥ ଦେଇ ଦିଆଯିବ ବୋଲି ଯାତ୍ରା ମାଲିକ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଇତିମଧ୍ୟରେ ୫ ମାସ ବିତି ଯାଇଥିବା ବେଳେ ନ୍ୟୁ ସଚ୍ଚିଦାନନ୍ଦ ଗଣନାଟ୍ୟର ପ୍ରଯୋଜକ ପର୍ଶୁରାମ ମଲ୍ଲିକ ଓ ରାଜଧାନୀ ଅପେରାର ପ୍ରଯୋଜକ ପ୍ରଦୀପ ପାତ୍ର ବକେୟା ଅର୍ଥ ପ୍ରଦାନର ନାଆଁ ଧରୁ ନଥିବା କଳାକାର ସଂଘର କର୍ମକର୍ତ୍ତାମାନେ କହିଛନ୍ତି । ବାରମ୍ବାର ଫୋନ୍ କରି ନିରାଶ ହେବା ପରେ ଏହି ଶ୍ରମିକମାନେ ପ୍ରଥମେ ଯାତ୍ରାପାର୍ଟି ମାଲିକ ସଂଘ ଓ ପରେ ଯାତ୍ରା କଳାକାର ସଂଘ ନିକଟରେ ଫେରାଦ ହୋଇଥିଲେ । ଏହି କ୍ରମରେ ଯାତ୍ରା କଳାକାର ସଂଘର କର୍ମକର୍ତ୍ତାମାନେ ଆଜି ଜିଲ୍ଲାପାଳଙ୍କୁ ସାକ୍ଷାତ ସହ ଶ୍ରମିକଙ୍କ ବକେୟା ପାଉଣା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ । ସ୍ମାରକପତ୍ର ପ୍ରଦାନ ବେଳେ ଯାତ୍ରା କଳାକାର ସଂଘର ରାଜ୍ୟ ସଭାପତି ଦୈତାରୀ ପଣ୍ଡା, ଉପଦେଷ୍ଟା ବାପି ପଣ୍ଡା ଓ ବସନ୍ତ କୁମାର ବେହେରା, ଜିଲ୍ଲା ସଂଘ ସମ୍ପାଦକ ରାଜେନ୍ଦ୍ର ରାଉତ, ମନୋଜ ପାତ୍ର, ହେମନ୍ତ ବେହେରା, ସୁମନ୍ତ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।

ସ୍କିମ୍ ଶ୍ରମିକମାନଙ୍କୁ ସ୍ଥାୟୀ ଘୋଷଣା ଦାବିରେ ଭଦ୍ରକରେ ଧର୍ମଘଟ

ଭଦ୍ରକ, ୮/୮ (ହି.ସ.) - ସ୍କିମ୍ ଶ୍ରମିକମାନଙ୍କୁ ସ୍ଥାୟୀ ଘୋଷଣା ଦାବିରେ ଦେଶବ୍ୟାପୀ ଆଜି ଧର୍ମଘଟ ହୋଇଥିବାବେଳେ ଭଦ୍ରକରେ ତାହା ସିଟୁ ନେତୃତ୍ୱରେ ସଂପନ୍ନ ହୋଇଛି । ଏଥି ଉପଲକ୍ଷେ ଆଜି ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସାମାଜିକ ଦୂରତ୍ୱ ରକ୍ଷା ପୂର୍ବକ ଆଶା, ଅଙ୍ଗନୱାଡି, ପାଚିକା ସଂଘ ପକ୍ଷରୁ ସିଟୁ ନେତା ଦିବ୍ୟସିଂହ ନାୟକ, ଶାନ୍ତିଲତା ନାୟକ, ସରସ୍ୱତୀ ହାତି, ସବିତା ବାନାର୍ଜୀ, ସ୍ୱର୍ଣ୍ଣଲତା ଲେଙ୍କା, ତୁଳସୀ ବାରିକ, ଗିରିଧାରୀ ନାଥ, ବିନୋଦ ସାହୁ, ମାନସୀ ବାରିକ, ମାଳତୀ ସାହୁ, ଉର୍ବଶୀ ରାଉତ, ସୁରେଖା ରାଉତ, ରାଧା ଦାସ, ଚନ୍ଦ୍ରଶେଖର ନାୟକ, କାଳନ୍ଦୀ ପାତ୍ର, ସେକ୍ କମର, ଉର୍ମିଳା ପୋଥାଳ, ଅଂଜଳି ବେହେରା ପ୍ରମୁଖ ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରିଛନ୍ତି । ଏବଂ ଆସନ୍ତା ଅଗଷ୍ଟ ୧୦ ତାରିଖ ଦିନ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ପକ୍ଷରୁ ଭାରତ ବଂଚାଅ ଦିବସରେ ଯୋଗଦେବା ପାଇଁ ଶ୍ରୀ ନାୟକ ଆହ୍ୱାନ ଦେଇଛନ୍ତି । ଆଜିର ଏହି ବିକ୍ଷୋଭ କାଳରେ ସିଟୁ ଜିଲା ସଭାପତି ଶ୍ରୀ ନାୟକଙ୍କ ସମେତ ଅନ୍ୟ ବକ୍ତାମାନେ ଆଜି ସମଗ୍ର ଦେଶବାସୀଙ୍କୁ ସ୍ୱାଧୀନତା ଦେବାରେ ମହାତ୍ମାଗାନ୍ଧିଙ୍କ ନେତୃତ୍ୱରେ ୧୯୪୨ ଅଗଷ୍ଟ ମାସ ଭାରତ ଛାଡ ଆନ୍ଦୋଳନ ଡାକରା ଦିଆଯାଇଥିଲା ବୋଲି କହିଥିଲେ । ଏବଂ ଦେଶବାସୀ ଏକ ହୋଇ ଲଢି ବ୍ରିଟ୍ରିଶ ସରକାରଙ୍କୁ ହଟାଇ ଯେଉଁ ସ୍ୱାଧୀନତା ଆଶା ପୂର୍ବକ ରାମରାଜ୍ୟ ପ୍ରତିଷ୍ଠା ହେବ ବୋଲି ସ୍ୱପ୍ନ ଦେଖିଥିଲେ, ତାହା ଆଜି ସ୍ୱାଧୀନତାର ୭୪ ବର୍ଷ ପରେ ରାମ ମନ୍ଦିରର ଭୂମି ପୂଜନରେ ଶେଷ ହୋଇଛି । ଯେତେବେଳେ ଦେଶବାସୀ କରୋନା ପରି ମହାମାରୀରେ ଛଟପଟ ହୋଇ ଜୀବନ ଜୀବିକା ହରାଉଛନ୍ତି, କେନ୍ଦ୍ର ସରକାର ଦରଦାମ୍ ବୃଦ୍ଧି କରି ଲୋକଙ୍କୁ ଚାକିରୀରୁ ଛଟେଇ କରି ଚାଷୀର ଫସଲକୁ ଅର୍ଡିନାନସ୍ ଜାରି କରି କର୍ପୋରେଟ୍ କଂପାନୀକୁ ଟେକି ଦେଉଛି ବୋଲି ବକ୍ତାମାନେ କହିବା ସହ ସରକାରୀ ଶିଳ୍ପକଳ କାରଖାନାକୁ ପୁଂଜିପତିଙ୍କୁ ଦେଇ ବ୍ୟାଙ୍କ, ରେ

ହୋମିଓପାଥି ଔଷଧ ଖାଉଥିଲେ...



କେତେକ ଲୋକ ହୋମିଓପାଥି ଔଷଧରେ ଚିକିତ୍ସା ହୋଇଥାନ୍ତି। ହେଲେ ଏହାକୁ ଖାଇବା ପୂର୍ବରୁ କିଛି ଦିଗପ୍ରତି ସାବଧାନତା ଅବଲମ୍ବନ କରିବା ଦରକାର। ନଚେତ୍ ଚିକିତ୍ସାରେ କୌଣସି ଉନ୍ନତି ଦେଖାଦେବ ନାହିଁ। କି କି ସାବଧାନତା ଅବଲମ୍ବନ କରିବାକୁ ପଡ଼ିବ ଆସନ୍ତୁ ଜାଣିବା...।

ଖୋଲା ରଖନ୍ତୁ ନାହିଁ: ହୋମିଓପାଥି ଔଷଧକୁ ଆଦୌ ଖୋଲା ରଖନ୍ତୁ ନାହିଁ। ଥଣ୍ଡା ସ୍ଥାନରେ ରଖନ୍ତୁ। ଔଷଧ ଖାଇ ସାରିଲା ପରେ ଡବା କିମ୍ବା ବୋତଲର ମୁହଁ ବନ୍ଦ କରିଦିଅନ୍ତୁ। କାରଣ ଖୋଲା ରହିଲେ ଏଥିରେ ଥିବା ଔଷଧୀୟ ଗୁଣ ନଷ୍ଟ ହୋଇଯାଏ।

ଔଷଧ ହାତକୁ ନେଇ ଖାଆନ୍ତୁ ନାହିଁ: ହୋମିଓପାଥି ଗୋଲି ଖାଇବା ପାଇଁ ହାତ ପାପୁଲିରେ ବାହାର କରନ୍ତୁ ନାହିଁ। କାରଣ ଏଥିରେ ଥିବା ସ୍ପିରିଟ ଅଂଶ ହାତ ସଂସ୍ପର୍ଶରେ ଆସି ନଷ୍ଟ ହୋଇଯାଏ। ଏହାଦ୍ୱାରା ଔଷଧର ପ୍ରଭାବ କମିଯାଏ।

୧୦ ମିନିଟ ପର୍ଯ୍ୟନ୍ତ କିଛି ଖାଆନ୍ତୁ ନାହିଁ: ହୋମିଓପାଥି ଔଷଧ ଖାଇବାର ୧୦ ମିଟ୍ ପୂର୍ବରୁ ଓ ୧୦ ମିନିଟ ପରେ କିଛି ଖାଆନ୍ତୁ ନାହିଁ। କାରଣ କୌଣସି ଖାଦ୍ୟ ସଂସ୍ପର୍ଶରେ ଔଷଧ ଆସିଲେ ତାର ପ୍ରଭାବ ହ୍ରାସ ପାଏ। ଫଳରେ ଉକ୍ତ ଔଷଧରେ ରୋଗ ଦୂର ହେବା ପାଇଁ କଷ୍ଟହୁଏ।

ଅନ୍ୟ ଔଷଧ ସହିତ ରଖନ୍ତୁ ନାହିଁ: ହୋମିଓପାଥି ଔଷଧ ସହିତ ଅନ୍ୟ କୌଣସି ଔଷଧ ଯଥା ଆୟୁର୍ବେଦିକ ଓ ଏଲୋପାଥିକ ଔଷଧ ସହିତ ମିଶାଇ ରଖନ୍ତୁ ନାହିଁ। କାରଣ ହୋମିଓପାଥି ଔଷଧର ଶକ୍ତି ହ୍ରାସ ପାଇଥାଏ। ଏହାକୁ ଖାଇବା ଦ୍ୱାରା ରୋଗ ଉପରେ କିଛି ପ୍ରଭାବ ପଡ଼ିନଥାଏ।

ଖଟା ଜାତୀୟ ଖାଦ୍ୟ ଖାଆନ୍ତୁ ନାହିଁ: ହୋମିଓପାଥି ଔଷଧ ଖାଇବା ପରେ କୌଣସି ପ୍ରକାର ଖଟା ଦ୍ରବ୍ୟ ଖାଇବା ଅନୁଚିତ। କାରଣ ଖଟାର ପ୍ରଭାବରେ ଔଷଧ ଶକ୍ତି ହ୍ରାସ ପାଇଥାଏ।

ଅନ୍ୟ କୌଣସି ଔଷଧ ଖାଆନ୍ତୁ ନାହିଁ: ହୋମିଓପାଥି ଔଷଧ ଖାଉଥିଲେ ଅନ୍ୟ ଔଷଧ ତଥା ଆୟୁର୍ବେଦିକ ଓ ଏଲୋପାଥି ଔଷଧ ଖାଆନ୍ତୁ ନାହିଁ। ନଚେତ୍ ହୋମିଓପାଥି ଔଷଧର କୌରସସି ପ୍ରଭାବ ପଡ଼ିବ ନାହିଁ।

ପାଟି ଧୁଅନ୍ତୁ: ହୋମିଓପାଥି ଔଷଧ ଖାଇବା ପୂର୍ବରୁ ଭଲ ଭାବରେ ପାଟି ଦିଅନ୍ତୁ। ଅର୍ଥାତ୍ ଭଲ ଭାବରେ କୁଳି କରି ଦାନ୍ତ ଓଜିଭକୁ ସଫା କରି ଔଷଧ ଖାଆନ୍ତୁ। ଏହାଦ୍ୱାରା ଔଷଧ ଉପଯୁକ୍ତ ପ୍ରଭାବ ଶରୀର ଉପରେ ପଡ଼ିଥାଏ।

କୌଣସି ନିଶା ଦ୍ରବ୍ୟ ଖାଆନ୍ତୁ ନାହିଁ: ହୋମିଓପାଥି ଔଷଧ ଖାଇବା ପୂର୍ବରୁ ଓ ପରେ କୌଣସି ପ୍ରକାର ନିଶା ଦ୍ରବ୍ୟ ଯଥା ମଦ, ବିଡ଼ି, ଆଦି ଖାଆନ୍ତୁ ନାହିଁ। ଏହି ଦ୍ରବ୍ୟରେ ହାନିକାରକ ନିଶା ରହିଛି, ଯାହା ଔଷଧଣ ପ୍ରଭାବକୁ ହ୍ରାସ କରିଥାଏ। ଏରୁ ହୋମିଓପାଥି ଗ୍ରହଣ କରୁଥିଲେ ଏସବୁରୁ ଦୂରେଇ ରହନ୍ତୁ।

ଖରାରେ ଔଷଧ ରଖନ୍ତୁ ନାହିଁ: ହୋମିଓପାଥି ଔଷଧକୁ ଆଦୌ ଖରା ତଥା ସୂର୍ଯ୍ୟ କିରଣରେ ରଖନ୍ତୁ ନାହିଁ। ଖରା ତେଜ ସଂସ୍ପର୍ଶରେ ଆସିଲେ ଏହାର ଔଷଧୀୟ ଗୁଣ ନଷ୍ଟ ହୋଇଯାଇଥାଏ। ଯାହା ଗରାଗଜ ଉପଶମ କରିପାରେ ନାହିଁ।

ଚା' ପିଅନ୍ତୁ ନାହିଁ: ହୋମିଓପାଥି ଔଷଧ ଖାଇବା ସମୟରେ ଅବା କିଛି ସମୟ ପର୍ଯ୍ୟନ୍ତ ଚା' କିମ୍ବା କଫି ପିଅନ୍ତୁ ନାହିଁ। କାରଣ ଔଷଧ ପ୍ରଭାବ ହ୍ରାସ ହୋଇଥାଏ।

ଦର୍ଶକ ହିଁ କଳାକାରଙ୍କୁ ଗଢ଼ନ୍ତି: କରୀନା

ଅଭିନେତା ସୁଶାନ୍ତ ରାଜପୁତଙ୍କ ମୃତ୍ୟୁ ପରଠାରୁ 'ସ୍ୱଜନତୋଷଣ ବା ନେପୋଟିଜିମ୍'କୁ ନେଇ ଚର୍ଚ୍ଚା ସରଗରମ ରହିଥିବା ବେଳେ ମୁହଁ ଖୋଲିଛନ୍ତି ବଲିଉଡ୍‌ର ବେବୋ କରୀନା କପୁର୍ ଖାନ୍ । ଜାତୀୟ ଗଣମାଧ୍ୟମର ଜଣେ ଜଣାଶୁଣା ବରିଷ୍ଠ ସାମ୍ବାଦିକଙ୍କୁ ସାକ୍ଷାତକାର ଦେବା ଅବସରରେ କରୀନା କହିଛନ୍ତି, ଗୋଟିଏ କଳାକାରକୁ ଦର୍ଶକ ହିଁ ଗଢ଼ିଥାନ୍ତି । ଯେଉଁମାନେ 'ସ୍ୱଜନତୋଷଣ'କୁ ପ୍ରସଙ୍ଗ କରି ଅନ୍ୟ କଳାକାରମାନଙ୍କ ଉପରକୁ ଆଙ୍ଗୁଠି ଉଠାଉଛନ୍ତି, ସେହିମାନେ ହିଁ ନେପୋଟିଷ୍ଟିକ୍ ଷ୍ଟାର୍‌ଙ୍କୁ ଜନ୍ମ ଦିଅନ୍ତି । ୨୧ ବର୍ଷ ଧରି ଚଳଚ୍ଚିତ୍ର ଦୁନିଆରେ ରହି ମୁଁ ଏତିକି ଅନୁଭବ କରିଛି, ଏଠାରେ ଦର୍ଶକଙ୍କ ନିଷ୍ପତ୍ତି ହିଁ ଶେଷ ନିଷ୍ପତ୍ତି । ମୁଁ ବି ମୋ ଜୀବନରେ ବହୁତ ସଂଘର୍ଷ କରିଛି । ହୁଏ ତ ମୋ କ୍ୟାରିୟର୍ ୧୦ଟଙ୍କା ନେଇ ଟ୍ରେନ୍ ଯାତ୍ରାରୁ ଆରମ୍ଭ ହୋଇନାହିଁ, କିନ୍ତୁ ବଲିଉଡ୍‌ରେ ଟିକିଏ ରହିବା ପାଇଁ ସଂଘର୍ଷ କରିଛି । ସେ ଆହୁରି କହିଛନ୍ତି, ଜଣେ କଳାକାରଙ୍କୁ ଦର୍ଶକ ହିଁ ଗଢ଼ିଥାନ୍ତି । ଏହାର ପ୍ରକୃଷ୍ଟ ଉଦାହରଣ ହେଉଛନ୍ତି, ଶାହରୁଖ ଖାନ୍, ଅକ୍ଷୟ କୁମାର, ଅୟୁଷ୍ମାନ୍ ଖୁରାନା ଏବଂ ରାଜକୁମାର ରାଓ । ଅତି ସାଧାରଣ ପରିବାରରୁ ଆସି ଆଜି ବଲିଉଡ୍‌ରେ ସଫଳ ଚେହେରା ପାଲଟିଛନ୍ତି । ଏଠାରେ କଠିନ ପରିଶ୍ରମ କରିବା ଓ ଆଗକୁ ବଢ଼ିବା ହିଁ ଏକମାତ୍ର ମନ୍ତ୍ର । ସେ ଆଲିଆ ଭଟ୍ଟ ହୁଅନ୍ତୁ କି କରୀନା କପୁର ।

ଘରକୁ ସଫା ରଖନ୍ତି ଏହି ପୋକ

ଆମ ଘରମାନଙ୍କରେ ଏମିତି କିଛି ଛୋଟ ଛୋଟ ପୋକ ବୁଲିଥାନ୍ତି, ଯାହା ଆମକୁ ବିଶେଷ କ୍ଷତି କରନ୍ତିନାହିଁ । ଏପରି ପୋକ ହେଉଛି 'ସିଲଭର ଫିସ୍' । ଏହାର ଶରୀର ଦେଖିବାକୁ ଏହା ମାଛ ପରି ଏବଂ ଏମାନଙ୍କର ସାଧାରଣତଃ ୬ଟି ଗୋଡ଼ ଥାଏ । ଏହି ପୋକଙ୍କ ଶରୀର ରୂପେଲି ରଙ୍ଗର । ତେଣୁ ଏମାନଙ୍କୁ ଏପରି ନାମକରଣ କରାଯାଇଛି। ଏମାନଙ୍କ ବିଶେଷତ୍ୱ ହେଲା- ଏମାନେ କାମୁଡ଼ନ୍ତି ନାହିଁ । ମଣିଷର ମୃତ ଚମଡ଼ା ଏବଂ କେଶ ଖାଇବାକୁ ଏମାନେ ଭଲ ପାଇଥାନ୍ତି । ଆମେ କୌଣସି ସ୍ଥାନରେ ଉଠାବସା କରିବା ସମୟରେ ଶରୀରର କ୍ଷୁଦ୍ର ମୃତ ଚର୍ମ କିମ୍ବା କେଶ ଝଡ଼ି ପଡ଼ିଥାଏ ଏହି ପୋକମାନେ ଏହାକୁ ଖାଇଥାନ୍ତି । ଯାହା ଫଳରେ ସଂକ୍ରମଣ ରୋଗ ହେବାର ଆଶଙ୍କା ଦେଖାଯାଇନଥାଏ । ଏହାସହ ଘରର ପରିବେଶ ମଧ୍ୟ ସଫା ରହିଥାଏ । ଚର୍ମ ଏବଂ କେଶକୁ ଛାଡ଼ିଦେଲେ ଏହି ପୋକମାନେ କାଗଜ ଏବଂ ନରମ କାଠି ମଧ୍ୟ ଖାଇଥାନ୍ତି । ତେଣୁ ଏହି ପୋକକୁ ଆପଣମାନେ ପୁରୁଣା କାଗଜ ଥିବା ସ୍ଥାନରେ କିମ୍ବା ପୁରୁଣା କାଠ ବସ୍ତୁରେ ବେଶୀ ଦେଖିବାକୁ ପାଇବେ । ଶୀତ ଋତୁରେ ଏମାନଙ୍କ ସଂଖ୍ୟା ବଢ଼ିଯାଇଥାଏ । କାରଣ ଏହି ସମୟରେ ସିଲଭର ଫିସ୍ମାନେ ପ୍ରଜନନ କରିଥାନ୍ତି । ଏକ ରିପୋର୍ଟ ଏକ ରିପୋର୍ଟ ଅନୁସାରେ, ଏହି ପୋକମାନେ ଡାଇନୋସର ଯୁଗରୁ ଦେଖାଯାଆନ୍ତି । ଅର୍ଥାତ୍ ଏମାନେ ପ୍ରାୟ ୧୦୦ ମିଲିଅନ୍ ବର୍ଷର ପୁରୁଣା ପୋକ ଅଟନ୍ତି ।

ବାଟ ଦେଖାଉଛି ବାଉଁଶ

ବାଉଁଶ.. ଆଦିବାସୀ ମଣିଷ ପାଇଁ ଏକ ଅନନ୍ୟ ପ୍ରାକୃତିକ ସାହାରା । ଏଛୁଡ଼ିଶାଳରେ ନବଜାତକର ନାହିଁ କଟିବା ପାଇଁ ବାଉଁଶ ପାତଠାରୁ ଆରମ୍ଭ କରି କୋକେଇ ଯାଏ, ଖୋଜାପଡ଼େ ଏଇ ବାଉଁଶ । ହେଲେ ଆଧୁନିକତାର ଚାକଚକ୍ୟ ଭିତରେ ଏହା ଯେମିତି ଏବେ ନିଜର ପରିଚୟ ହରାଇବସିଛି । ମୟୂରଭଞ୍ଜ ଜିଲ୍ଲାରୁ ପ୍ରତ୍ୟେକ ଦିନ ଶହଶହ ଟ୍ରିପ ଲମ୍ବା ଓ କଟା ବାଉଁଶ ରାଜ୍ୟର ବିଭିନ୍ନ ଜିଲ୍ଲା ସହ ରାଜ୍ୟ ବାହାରକୁ ଚାଲାଣ ହେଉଛି । ଏପରି ସମୟରେ ବାଉଁଶ ଯେ ଜିଲ୍ଲାବାସୀଙ୍କ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ କ୍ଷମତା ରଖେ, ସେ ନେଇ ରାଜ୍ୟ କିମ୍ବା କେନ୍ଦ୍ର ସରକାର, କେହି ବି ଚିନ୍ତା କରି ନାହାଁନ୍ତି ।

ତେବେ ଏହି ବାଉଁଶ ଯେ ଅନେକଙ୍କୁ ବଳ ଯୋଗାଉଛି, ପେଟକୁ ଦାନା ଯେଉଛି; ତାର ଏକ ବଳିଷ୍ଠ ଦାହରଣ ଆମ ପାଖରେ ଅଛି । ଜିଲ୍ଲାର ବେତନଟୀ ବ୍ଲକ୍ ଅଧୀନ ଦହିକୋଟୀ ପଞ୍ଚାୟତ ଭାଲିଆ ଗ୍ରାମ । ଏହି ଗ୍ରାମ ଏବେ ମୁଣ୍ଡ ଟେକିଛି । ଏଠାରେ ୨୦୦୮ ମସିହାରେ ଆନନ୍ଦ ମହାନ୍ତଙ୍କ ତତ୍ତ୍ୱାବଧାନରେ ମା ମନସା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ହୁଏ । ପ୍ରାଥମିକ ପର୍ଯ୍ୟାୟରେ ଗୋଷ୍ଠୀରେ ୨୧ଜଣ ମହିଳା ପୁରୁଷ କାମ କରୁଥିଲେ । ଏବେ ଏଠାରେ ୧୦ଜଣ ମହିଳା, ୧୦ଜଣ କାରିଗର ଓ ଦିନ ମଜୁରିଆଙ୍କୁ ମିଶାଇ ମୋଟ ୪୫ଜଣ କାମ କରୁଛନ୍ତି । ଏମାନେ ବାଉଁଶରୁ ସୋଫା ସେଟ, ଆରାମ ଚେୟାର, ଷ୍ଟୁଲ ସହ ପେନଷ୍ଟାଣ୍ଡ, ବସ୍‌ଷ୍ଟଟାଣ୍ଡ, ଫୁଲଡୋଡ଼ା, ଫୁଲଚାଙ୍ଗୁଡ଼ି, ଚାବିରିଙ୍ଗ, ଧୂପଷ୍ଟାଣ୍ଡ, ଫୁଲକଚଣ୍ଡ ଇତ୍ୟାଦି ଇତ୍ୟାଦି କରି ବିକ୍ରି କରିଛନ୍ତି । ବାଉଁଶ ତିଆରି ଗୋଟିଏ ସୋଫା ସେଟର ଦାମ ୧୦ରୁ ୧୨ହଜାର ଟଙ୍କା ରହିଛି । ସେହିପରି ଆରାମ ଚେୟାରର ଦାମ ୧୮୦୦ରୁ ୨୦୦୦ଟଙ୍କା ରହିଛି। ତେବେ ଖର୍ଚ୍ଚକୁ ଛାଡ଼ି ଏବେ ଗୋଷ୍ଠୀକୁ ୧୦ରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ଲାଭାଂଶ ମିଳୁଛି । ସବୁଠାରୁ ବଡ଼କଥା ଯେ ବିଭିନ୍ନ ଆକର୍ଷଣୀୟ ଘରକରଣା ଜିନିଷ ନିର୍ମାଣ କରୁଥିବା କାରିଗରମାନଙ୍କ ମଧ୍ୟରେ ଅଧିକାଂଶ ହେଲେ ଜିଲ୍ଲାର ଅପରାଧ ପ୍ରବଣ ଜନଜାତି କୁହାଯାଉଥିବା ଲୋଧା ସଂପ୍ରଦାୟର ।

ଏଠାରେ ଗୋଷ୍ଠୀର ଆର୍ଥିକ ସଫଳତା ଦିଗକୁ ଛାଡ଼ିଦେଲେ ଲୋଧାଙ୍କୁ କର୍ମସଂସ୍ଥାନ ଯୋଗାଇବା ଭଳି ଯେଉଁ ନିଷ୍ପତ୍ତି ନିଆଯାଇଛି, ତାହା ଅତ୍ୟନ୍ତ ପ୍ରଶଂସାଯୋଗ୍ୟ । ଯାହା ଲୋଧାମାନଙ୍କୁ ବଂଚିବାର ଏକ ନୂଆ ରାହା ଦେଖାଇଛି । ଏହା ଭିତରେ ମା ମନସା ସ୍ୱୟଂ ସହାୟକ ଗୋଷ୍ଠୀ ୧୦ ଲକ୍ଷରୁ ଅଧିକ ଟଙ୍କାର ଉତ୍ପାଦ ପ୍ରସ୍ତୁତ କରିବାରେ ସକ୍ଷମ ହୋଇପାରିଛି । ହେଲେ ଦୁ!ଖ ଓ ପରିତାପର ବିଷୟ ଏହି ଯେ ଏହି ସ୍ୱୟଂ ସହାୟକ ଗୋଷ୍ଠୀ ଜିଲ୍ଲା ଶିଳ୍ପ କେନ୍ଦ୍ର ଅଧୀନରେ ରହିଥିଲେ ବି ଏଯାଏ କୌଣସି ସରକାରୀ ସହାୟତା କି ଅନୁଦାନ, କିଛି ବି ମଳିନାହିଁ ।

ଏହି ଘରୁ କେହି ଜୀବିତ ଫେରିନାହାନ୍ତି



କିଛି ସହରରେ ଏମିତି ଘର ଥାଏ ଯାହାକୁ ଲୋକେ ହଣ୍ଟେଡ୍ ହାଉସ୍ କହିଥାନ୍ତି । ଏମିତି ଘରେ କେହି ବି ଲୋକ ରହିବାକୁ ଆସନ୍ତି ନାହିଁ । ଲୋକମାନେ କୁହନ୍ତି, ଘରେ ପ୍ରେତାତ୍ମା ବାସ କରୁଛି । ଏମିତି ଗୋଟିଏ ଘର ଅଛି ହାଇଦ୍ରାବାଦର ସୀତାଫଳମଣ୍ଡି ଅଞ୍ଚଳରେ । ଏହି ବଙ୍ଗଳା ଗତ ୪୦ ବର୍ଷ ହେବ ଖାଲି ପଡ଼ିଛି । ଲୋକମାନେ ଏହି ବଙ୍ଗଳାରେ ରହିବାକୁ ଭୟ କରନ୍ତି । ଏହି ବଙ୍ଗଳାକୁ ଲୋକମାନେ 'ଦେଢ଼ ଲକ୍ଷ ଘରର ରହସ୍ୟ' ବୋଲି କହିଥାନ୍ତି । ଏହି ଘରେ ଏବେ କେହି ନାହାନ୍ତି । ଘରର ଚାରିପାଖ ନିସ୍ତବ୍ଧ । ଏହି ଘରର ପାଖ ଦେଇ ଯିବାକୁ ମଧ୍ୟ ଲୋକ ଭୟ କରନ୍ତି । ଏହା ପଛରେ ଲୋକଙ୍କ ବିଶ୍ୱାସ ଯେ ଯେଉଁ ବ୍ୟକ୍ତି ଏହି ଘରେ ରହିବାକୁ ଆସେ ତା'ର ମୃତ୍ୟୁ ହୁଏ । କୁହାଯାଏ ଏହି ଘରେ ଭୌତିକ କାଣ୍ଡ ଘଟୁଥିବାରୁ ଲୋକମାନେ ରହିବାକୁ ଭୟ କରନ୍ତି । ୪୦ ବର୍ଷ ପୂର୍ବେ ଲକ୍ଷ୍ମଣ ନାମକ ଜଣେ ବ୍ୟକ୍ତି ଏହି ବଙ୍ଗଳାକୁ ଦେଢ଼ ଲକ୍ଷ ଟଙ୍କାରେ ତିଆରି କରିଥିଲେ । ଏହି ବଙ୍ଗଳା ସେହି ସମୟରେ ଅଞ୍ଚଳର ସବୁଠୁ ଅଧିକ ଦାମୀ ବଙ୍ଗଳା ରୂପେ ପରିଚିତ ଥିଲା । ସ୍ଥାନୀୟ ଲୋକେ ସେଇ ଘରକୁ ଦେଢ଼ ଲକ୍ଷ ଘର ବୋଲି କହି ଆସୁଛନ୍ତି । ହେଲେ ସେଇ ବ୍ୟକ୍ତି ଜଣକ ଜାରି ନଥିଲେ ଏଇ ଘର ତାଙ୍କ ପାଇଁ କେତେ ବଡ଼ ବିପଦ ଆଣିଦେବ । ଘରେ ତାଙ୍କର ପରିବାର ରହିବା ପରଠାରୁ ତାଙ୍କ ସହିତ ଅପ୍ରୀତିକର ଘଟଣା ସବୁ ଘଟିଥିଲା । ସେଇ ଘରର ମାଲିକଙ୍କ ଦୁଇ ଝିଅ ଏବଂ ତିନି ପୁଅ ଥିଲେ । ଯେଉଁ ପର୍ଯ୍ୟନ୍ତ ସେଇ ଘର ଭିତରକୁ ପ୍ରବେଶ କରିନଥିଲେ ଠିକ୍ ଥିଲେ । ହେଲେ ଯେଉଁଦିନ ତାଙ୍କ ପରିବାର ଗୃହପ୍ରବେଶ କରିଥିଲେ ଠିକ୍ ସେହିଦିନ ହିଁ ତାଙ୍କ ସ୍ତ୍ରୀଙ୍କର ମୃତ୍ୟୁ ହୋଇଯାଇଥିଲା । ସେଥିପାଇଁ ସେ ଏଇ ଘଟଣାର କିଛି ବର୍ଷ ପରେ ଆଉ ଏକ ପରିବାର ଏହି ଘରେ ରହିବାକୁ ଆସିଥିଲେ । କିଛି ଦିନ ପର୍ଯ୍ୟନ୍ତ ସବୁ ଠିକ୍ ଚାଲିଥିଲା । କିନ୍ତୁ ଗୋଟିଏ ଦିନ ସେଇ ପରିବାର ଜଣେ ମହିଳା ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରି ଦେଇଥିଲେ । ଏହି ଘଟଣା ବିଷୟରେ ସ୍ଥାନୀୟ ଲୋକଙ୍କଠାରୁ ଜାଣିବାକୁ ମିଳିଥିଲା, ସେହି ମହିଳାଙ୍କର ମୃତ୍ୟୁର ବାସ୍ତବ କାରଣ କିଛି ଜଣା ପଡ଼ିନଥିଲା । ଏହି ଘଟଣା ପରେ ଜଣେ ଛାତ୍ର ଘରେ ରହିବାକୁ ଆସିଥିଲା । ହେଲେ ସେ ବି ଫାଶି ଲଗାଇ ଆତ୍ମହତ୍ୟା କରି ଦେଇଥିଲା । ତା' ପରେ ଏହି ଘରକୁ ଆଉ କେହି ରହିବାକୁ ଆସିନଥିଲେ । ସେଦିନ ପରଠାରୁ ସେହି ଘରଟି ଭୌତିକ ଘର ରୂପେ ପରିଚିତ ହେଲା । ରାତିରେ ଏହି ଘରର ଆଖପାଖରେ କାହାକୁ ଦେଖିବାକୁ ମିଳେ ନାହିଁ । ବେଳେବେଳେ ସ୍ଥାନୀୟ ଲୋକ ଏହି ଘର ଭିତରୁ ଜଣେ ମହିଳାର ଚିତ୍କାର ମଧ୍ୟ ଶୁଣିବାକୁ ପାଆନ୍ତି ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୯ ଅଗଷ୍ଟ ୨୦୨୦, ରବିବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ସଂଘର୍ଷର ମୁହୂର୍ତ୍ତ...

ତମାମ୍ ବିଶ୍ୱ ଆଜି ଦିନରେ ଘୋର ସଙ୍କଟପୂର୍ଣ୍ଣ ସମୟ ଦେଇ ଗତି କରୁଛି । ୨୧୩ ଦେଶରେ କରୋନା ଭୂତାଣୁର ସଂକ୍ରମଣ ହେତୁ ଯେତିକି ଜନସଂଖ୍ୟା ସଂକ୍ରମିତ ହୋଇଛି, ତାହାଠାରୁ ଅଧିକ ଭୂତତ୍ରସ୍ତ ଅବସ୍ଥାରେ ରହିଛନ୍ତି । ଜନଜୀବନ କେବେ ବି ଆଜିର ଦିନ ଭଳି ଅନିଶ୍ଚିତତାର ଅନ୍ଧଗଳି ଦେଇ ଗତି କରୁନଥିଲା । କି ବିକଶିତ, କି ବିକାଶଶୀଳ, ସମସ୍ତ ଦେଶ ପାଇଁ ଜୀବନ-ଜୀବିକାଠାରୁ ଆରମ୍ଭ କରି ଶିଳ୍ପ, ଅର୍ଥନୀତି, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ମୌଳିକ ବ୍ୟବସ୍ଥା ପୂରାମାତ୍ରାରେ ପ୍ରଭାବିତ ହୋଇସାରିଛି । ସ୍ଥିତି ସଂପର୍କରେ ଯେଉଁମାନେ ସଚେତନ, ସେମାନଙ୍କ ଆକଳନ କହୁଛି, ଭୂତାଣୁଜନିତ ବିପର୍ଯ୍ୟୟର ପ୍ରଭାବ ଏତେ ଶୀଘ୍ର ଚାଲିଯାଇନପାରେ । ସଂକ୍ରମଣଜନିତ ସଙ୍କଟ ଦ୍ୱାରା ବୃତହ୍ କମ୍ପାନୀଗୁଡ଼ିକରେ ଉତ୍ପାଦନ ବନ୍ଦ୍ ରହିଲା, ହଜାର ହଜାର କର୍ମଚାରୀ କାମଧନ୍ଦା ହରାଇ ବସିଲେ । କାମଧନ୍ଦା ହରାଇବାର ଅର୍ଥ- ବେରୋଜଗାରବାହିନୀ ସୃଷ୍ଟି ହେବା । ଏମିତିରେ ବାହାର ଦେଶ ଭଳି ଭାରତରେ ନିଯୁକ୍ତି ସୁଯୋଗ କ୍ରମେ ସଂକୁଚିତ ହୋଇଆସୁଥିବା ବେଳକୁ ଖାଉଟି ମୂଲ୍ୟସୂଚୀର ଅବସ୍ଥା ଖରାପ ହେବାକୁ ବସିଲା । ସେହି ସମୟକୁ କରୋନା ଭୂତାଣୁର ସଂକ୍ରମଣ ଏବେ ସଙ୍ଗୀନ ରୂପ ନେଲା, ତାହାର ସାମୂହିକ ପ୍ରଭାବବଶତଃ ବିଶ୍ୱବ୍ୟାପୀ ସଙ୍କଟ ଅଧିକ ଅନୁଭୂତ ହେଲା । ଆମେରିକା, ବ୍ରିଟେନ, ଫ୍ରାନ୍ସ, ଇଟାଲି ଭଳି ବିକଶିତ ରାଷ୍ଟ୍ରରେ ଦେଖାଦେଇଥିବା ମହାସଙ୍କଟ କାରଣରୁ ଆମ ଭଳି ଦେଶରେ ନିର୍ମାଣ ଶିଳ୍ପ, ଅଟୋମୋବାଇଲ ଉଦ୍ୟୋଗ କି ପ୍ରକାର ପ୍ରତିକୂଳ ଅବସ୍ଥାକୁ ଠେଲି ହୋଇଗଲା, ତାହା ସମସ୍ତେ ଅଙ୍ଗେ ନିଭେଇଛନ୍ତି । କରୋନା ବିରୋଧରେ କଥିତ ଲଢ଼େଇରେ ବିଭିନ୍ନ ଦେଶର ସରକାର ଓ ପ୍ରତିଷ୍ଠାନଗୁଡ଼ିକ ଲାଗିଯାଇଛନ୍ତି । ହେଲେ ସଂକ୍ରମଣ ଓ ମୃତ୍ୟୁସଂଖ୍ୟା ଚାଲିଥିବା ଭିତରେ ସବୁ ସ୍ତରରେ ଅର୍ଥନୈତିକ ଦୁର୍ଗତି ନେଇ ଘୋର ଚିନ୍ତା ଲାଗି ରହିଛି । ଦୁଃସ୍ଥିତିରୁ ଅର୍ଥନୀତିକୁ ମୁକୁଳାଇବା ଲକ୍ଷ୍ୟରେ ବୃହତ୍ ତଥା କ୍ଷୁଦ୍ର ରାଷ୍ଟ୍ର ପକ୍ଷରୁ ଅନବରତ ଅନୁଦାନ ରାଶି ମଂଜୁର କରାଯାଉଛି । ଆମେରିକାର ପ୍ରେସିଡେଣ୍ଟ ଟ୍ରମ୍ପଙ୍କଠାରୁ ଆରମ୍ଭ କରି ଆମ ପ୍ରଧାନମନ୍ତ୍ରୀ ମୋଦିଙ୍କ ପର୍ଯ୍ୟନ୍ତ ସମସ୍ତେ ଦୂରବସ୍ଥା ଭଳି ପ୍ରତିକୂଳ ସ୍ଥିତିକୁ ରୋକି କେଉଁଭଳି ସ୍ୱାଭାବିକ ଗୁଳାରେ ଅର୍ଥନୀତିକୁ ପକାଯାଇପାରିବ, ସେଥିପାଇଁ ବ୍ୟବସ୍ଥା ଗ୍ରହଣ କରୁଛନ୍ତି । ଅଳ୍ପଦିନ ଭିତରେ ଦେଶବାସୀଙ୍କୁ ସମ୍ବୋଧନ କ୍ରମରେ ପ୍ରଧାନମନ୍ତ୍ରୀ ମୋଦି ୨୦ଲକ୍ଷ କୋଟିର ସହାୟତା ଘୋଷଣା କରିଥିଲେ । ତାହା ବାଦ୍ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପ୍ୟାକେଜ ଘୋଷଣା କରି ସ୍ଥିତି ସୁଧାରିବା ଲକ୍ଷ୍ୟରେ ଅନେକ ପଦକ୍ଷେପ ନେଉଛନ୍ତି । ରିଜର୍ଭ ବ୍ୟାଙ୍କ ପକ୍ଷରୁ ନିକଟରେ ବସିଥିବା ମୁଦ୍ରାନୀତି ସମୀକ୍ଷା ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ତାହା ଭିତରେ ମଧ୍ୟମ ଓ କ୍ଷୁଦ୍ର ଉଦ୍ୟୋଗସମୂହ ପାଇଁ ଆଶ୍ୱସ୍ତି ଦେଲା ଭଳି ଏକ ପଦକ୍ଷେପ ହେଉଛି- ସୁଧହାର ଅପରିବର୍ତ୍ତିତ ରଖାଯିବା । ତାହା ବାଦ୍ ଯେଉଁ ମଧ୍ୟମ ତଥା କ୍ଷୁଦ୍ର ଉଦ୍ୟୋଗ ଚାପ ଭିତରେ ଅଛନ୍ତି, ସେଗୁଡ଼ିକୁ ଋଣ ପୁନର୍ବିନ୍ୟାସର ସୁବିଧା କରିଛନ୍ତି ରିଜର୍ଭ ବ୍ୟାଙ୍କ । ରିଜର୍ଭ ବ୍ୟାଙ୍କ ରେପୋ ରେଟ୍ ୪ ଶତାଂଶରେ ରଖିଥିବା ବେଳେ, ରିଭର୍ସ ରେପୋ ୩.୩୫%ରେ ସ୍ଥିର ରଖିଛନ୍ତି । ସେହିଭଳି ନାବାର୍ଡ ତଥା ଏନ୍ଏଚ୍ବି ସକାଶେ ଅତିରିକ୍ତ ୧୦ ହଜାର କୋଟି ଟଙ୍କାର ପ୍ରାବଧାନ ରଖାଯାଇଛି । କରୋନା କାଳରେ ବେରୋଜଗାର, ବିପନ୍ନ କୃଷି ବ୍ୟବସ୍ଥା ପାଇଁ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଗୃହୀତ ବ୍ୟବସ୍ଥା ବିଗିଡ଼ି ଯାଇଥିବା ଅର୍ଥନୀତି ପାଇଁ ସଞ୍ଜୀବନୀ ସଦୃଶ ହୋଇଛି ବୋଲି କୁହାଯାଇପାରିବ । କୃଷି ତଥା କୃଷିଭିତ୍ତିକ ଅର୍ଥନୀତିକୁ ସାମାନ୍ୟ ସଜାଡ଼ିବାରେ ଯଦି ରିଜର୍ଭ ବ୍ୟାଙ୍କ ଦ୍ୱାରା ହୋଇଥିବା ଘୋଷଣା ସହାୟକ ହୁଏ, ତେବେ ବହୁତ କିଛି ହୋଇଗଲା ବୋଲି କୁହାଯାଇପାରିବ । ସବୁ କିଛି ନିର୍ଭର କରୁଛି, ଦୁର୍ଗତି ମଧ୍ୟରେ ଗତି କରୁଥିବା ରୁଗ୍ଣ ଉଦ୍ୟୋଗ ପାଖରେ ମଞ୍ଜୁର ଧନରାଶି କିଭଳି ପହଞ୍ଚିପାରିବ । ଭୂତାଣୁ ବିରୋଧରେ ଲାଗି ରହିଥିବା ସଂଗ୍ରାମ ସରିବାକୁ ଆଉ କିଛି ମାସ ଲାଗିଯାଇପାରେ । ସେ ଦୃଷ୍ଟିରୁ ମଞ୍ଜୁର ଧନରାଶି ସିଂହଭାବ ଯେଭଳି ଅବାଞ୍ଛିତ ବାଟଦେଇ ଚାଲିନଯାଏ, ତାହା ମଧ୍ୟ ଦେଖାଯିବା ଉଚିତ୍ ।

ଭାରତଛାଡ଼ ଆନ୍ଦୋଳନରେ ବାଲେଶ୍ୱରର ଭୂମିକା

ଶ୍ରୀ ବିଧାନ ଚନ୍ଦ୍ର ରାୟ

ଇଂଲଣ୍ଡର ପ୍ରଧାନମନ୍ତ୍ରୀ ସାର୍ ଷ୍ଟାଫୋର୍ଡ କ୍ରିପ୍ସ ୧୯୪୨ ମସିହା ମାର୍ଚ୍ଚ ମାସରେ ଭାରତକୁ ସ୍ୱାଧୀନତା ଦେବା ଉଦ୍ଦେଶ୍ୟରେ ଭାରତ ପରିଭ୍ରମଣ କରିଥିଲେ । କିନ୍ତୁ କ୍ରିପ୍ସ ଭାରତକୁ ଏକ ଆଶ୍ରିତ ରାଜ୍ୟ ଭାବରେ ଗ୍ରହଣ ନିମନ୍ତେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବ୍ରିଟିଶ୍ ପାର୍ଲାମେଣ୍ଟରେ ପାଶ୍ କରିବେ ବୋଲି ପ୍ରସ୍ତାବ ଦେବା ଫଳରେ କଂଗ୍ରେସ ଓ ମୁସଲିମ୍ ଲିଗ ନେତାମାନେ ତାଙ୍କର ଏହି ପ୍ରସ୍ତାବକୁ ଦେବାର ବିରୋଧ କରିଥିଲେ । ଏହାର ପ୍ରତିବାଦ ସ୍ୱରୂପ କଂଗ୍ରେସ ନେତା ମାନେ ମହାତ୍ମାଗାନ୍ଧୀଙ୍କର ନିର୍ଦ୍ଦେଶ କ୍ରମେ "ଭାରତ ଛାଡ଼ ଆନ୍ଦୋଳନ" କରିବା ପାଇଁ ନିଷ୍ପତ୍ତି ନେଇଥିଲେ ।

ତେଣୁ ୧୯୪୨ ମସିହା ଅଗଷ୍ଟ ୮ ତାରିଖରେ ନିଖିଳ ଭାରତ କଂଗ୍ରେସ କମିଟି ପୁନାର ଆଗାଖାଁ ପ୍ରସାଦରେ ଏକ ବୈଠକ ଆହ୍ୱାନ କରାଯାଇଥିଲା । ଏହି ବୈଠକରେ ଭାରତକୁ 'ପୂର୍ଣ୍ଣସ୍ୱାଧୀନତା ପ୍ରଦାନ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇ ଏହାର ନାମ ଭାରତଛାଡ଼ ଆନ୍ଦୋଳନ କିମ୍ବା ଅଗଷ୍ଟ ବିପ୍ଳବ ଓ ଇଂରାଜୀରେ ଛଙ୍କସମଳ ଓଭୟସବ ଜ୍ଞଙ୍କଙ୍ଗରଜ୍ଞରଭଶ୍ମ କୁଇକ୍ ଇଣ୍ଡିଆ ମୁଭମେଣ୍ଟ ନାମରେ ନାମିତ କରାଯାଇଥିଲା । ଏହାର ସ୍ଲୋଗାନ ଥିଲା "କର ଅବା ମର" । ଇଂରେଜମାନେ ଏହି ଖବର ପାଇ ଆଗାଖାଁ ପ୍ରସାଦରୁ ରାତ୍ରି ଅଧରେ ସରୋଜିନୀ ନାଇଡୁ, ପଣ୍ଡିତ ଜବହରଲାଲ ନେହେରୁ, ମହାତ୍ମାଗାନ୍ଧୀ, ମୌଲାନା ଆଜାଦ ପ୍ରମୁଖ ତୁଙ୍ଗ ନେତାମାନଙ୍କୁ ଗିରଫ କରି ଜୁନ ୧୫ ତାରିଖଠାରୁ ୧୯୪୫ ମସିହା ପର୍ଯ୍ୟନ୍ତ ଉକ୍ତ ପ୍ରସାଦରେ ନଜରବନ୍ଦୀ କରି ରଖାଯାଇଥିଲା । ଭାରତଛାଡ଼ ଆନ୍ଦୋଳନ ଘୋଷଣା ପରେ ଭାରତରେ ସର୍ବତ୍ର ଏହି ଆନ୍ଦୋଳନକୁ ଅଧିକ ତୀବ୍ର କରିବା ପାଇଁ ଦେଶବାସୀ ଆବାଳ ବୃଦ୍ଧ ଆଗେଇ ଆସିଥିଲେ । ଅପରପକ୍ଷରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଏହି ଆନ୍ଦୋଳନକୁ ଅଧିକ ତେଜିୟାନ ଓ ସକ୍ରୀୟ କରିବା ନିମନ୍ତେ ବ୍ରିଟିଶ ବିରୁଦ୍ଧରେ ତାଙ୍କର "ଆଜାଦ ହିନ୍ଦ ଫୌଜ"କୁ ନେଇ ସାହାଯ୍ୟ କଲେ ଏବଂ ଭାରତକୁ ସ୍ୱାଧୀନ କରିବା ପାଇଁ "ବନ୍ଦେ ମାତରମ୍" , "ଦିଲ୍ଲୀ ଚଲୋ", "ଆଜାଦ ହିନ୍ଦ ଜିନ୍ଦାବାଦ", "ରକ୍ତ ବଦଳରେ ରକ୍ତ" ଆହ୍ୱାନ ଦେଇ ଭାରତୀୟ ଜନସାଧାରଣଙ୍କୁ ଉତ୍ତେଜିତ କରିବାର ସାହାଯ୍ୟ କରିଥିଲେ ।

ଭାରତର ପ୍ରତ୍ୟେକ ଗଳି କନ୍ଦି, ସହର, ବଜାରରେ ଜନତାଙ୍କ ମଧ୍ୟରେ ଭାରତକୁ ସ୍ୱାଧୀନ କରିବା ପାଇଁ ବିପୁଳ ଉତ୍ସାହ ଉଦ୍ଦୀପନା ଦେଖାଦେଲା । ଫଳରେ ଦେଶରେ ମହାତ୍ମାଗାନ୍ଧୀଙ୍କର ସତ୍ୟ, ଅହିଂସା, ନ୍ୟାୟର ମନ୍ତ୍ର କାମ ଦେଲା ନାହିଁ । ସବୁ ଆଡ଼େ ଅହିଂସା ବଦଳରେ ହିଂସା, ରକ୍ତପାତ, ଆନାପୋଡ଼ି ଲୁଟପାଟ ଇତ୍ୟାଦି ଦେଖାଗଲା । ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଭଦ୍ରକ ସ୍ଥିତ ଭଣ୍ଡାରୀ ପୋଖରୀ ଥାନାକୁ ଉତ୍ତେଜିତ ଜନତା ପୋଡ଼ି ଦେଲେ ।

ଅନ୍ୟ ପକ୍ଷରେ ବାଲେଶ୍ୱର ଅନ୍ତର୍ଗତ ତୁଡ଼ି ଗଡ଼ିଆ ଅଞ୍ଚଳରେ ସ୍ୱର୍ଗତଃ ବୈଦ୍ୟନାଥ ରାଉତଙ୍କ ନେତୃତ୍ୱରେ ଖଇରାଡିହି ପ୍ରମୁଖ ଅଞ୍ଚଳକୁ ଏକ ମାସ ଧରି ଇଂରେଜ ଶାସନରୁ ମୁକ୍ତ କରି ସ୍ୱୟଂ ଶାସିତ ଅଞ୍ଚଳ ରୂପେ ଘୋଷଣା କରିଥିଲେ । ତୁଡ଼ିଗଡ଼ିଆରେ ରଘୁ, ମକର, କେଳୁ ଇଂରେଜ ପୋଲିସଙ୍କ ଗୁଳିରେ ଶହୀଦ ହୋଇଥିଲେ । ନୀଳଗିରି ଅଞ୍ଚଳର ବରହମପୁର ଠାରେ ଗାଙ୍ଗୁ ମହାଳିକ ପୋଲିସ ଲାଠି ମାଡ଼ରେ ମୃତ୍ୟୁ ବରଣ କରିଥିଲେ ଇରମରେ ଇଂରେଜ ମାନଙ୍କର ଆଖିବୁଜା ଗୁଳିମାଡ଼ରେ ୨୯ ଜଣ ଶହୀଦ ହୋଇଥିବା ବେଳେ, ଶ୍ରୀଜଙ୍ଗ, ଇଞ୍ଚୁଡ଼ିରେ ମଧ୍ୟରେ ୧୨ ଜଣ ସ୍ୱାଧୀନତା ସଂଗ୍ରାମୀ ଇଂରେଜଙ୍କ ଗୁଳିରେ ପ୍ରାଣ ହରାଇ ଥିଲେ ।

ଡକ୍ଟର ହରେକୃଷ୍ଣ ମହତାବ ରେମୁଣା ଠାରେ ୧୯୪୨ ମସିହାରେ ଅବସ୍ଥାନ କରି ସ୍ୱାଧୀନତା ସଂଗ୍ରାମରେ ନେତୃତ୍ୱ ନେଇ ଥିବା ବେଳେ ତାଙ୍କ ନେତୃତ୍ୱରେ ଜଗନ୍ନାଥ ପରିଡ଼ା, ବ୍ରଜେନ୍ଦ୍ର ନାଥ ରାୟ, ହେମେନ୍ଦ୍ର ନାଥ ଘୋଷ, ମାଗୁଣି ପୋଥାଳ, ପ୍ରାଣବନ୍ଧୁ ସାହୁ, ଗଗନ ଚନ୍ଦ୍ର ବେହେରା, ଜଗନ୍ନାଥ ଦାସ ପ୍ରମୁଖ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ କରି ବହୁବାର ଜେଲ ବରଣ କରିଥିଲେ । ସେହିଭଳି ପ୍ରୀୟନାଥ ସହକାରଙ୍କ ଗୃହରେ ବାଲେଶ୍ୱର ଜିଲ୍ଲାର ସ୍ୱାଧୀନତା ସଂଗ୍ରାମର ଗୁପ୍ତ ବୈଠକ ମାନ ବସୁଥିଲା । ଉକ୍ତ ବୈଠକରେ ସ୍ୱର୍ଗତଃ ପ୍ୟାରୀମୋହନ ଦାସ, ଦୁର୍ଗା ଶଙ୍କର ଦାସ, ସର୍ଦ୍ଦାର ସୁରେନ୍ଦ୍ର ନାଥ ଦାସ, ଡଃ ହରେକୃଷ୍ଣ ମହତାବ, ଗୋଲକ ନାଥ ଦେ, ବ୍ରଜେନ୍ଦ୍ର ନାଥ ରାୟ, ସୂର୍ଯ୍ୟ ମଣି ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଜୀ, ପୂର୍ଣ୍ଣଚନ୍ଦ୍ର ଜରୀ, ମଦନ ମୋହନ ମହାର୍ଣ୍ଣା, ରବୀନ୍ଦ୍ର ମୋହନ ଦାସ, ପୁରୁଷଉମ ବେହେରା, ବାଞ୍ଛାନିଧି ଗିରି, ପ୍ରମୁଖ ବହୁ ସ୍ୱାଧୀନତା ସଂଗ୍ରାମୀ ଯୋଗଦାନ କରି କରିଥିଲେ । "ଭେରୀ" ପତ୍ରିକା ବଣ୍ଟନ କରିବା ସହିତ ୧୯୩୦ ମସିହା ଲବଣ ସତ୍ୟାଗ୍ରହ ଓ ୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳ ସମ୍ବନ୍ଧରେ ଆଲୋଚନା କରିଥିଲେ ।

ନେତାଜୀ ସୁବାଷ ଚନ୍ଦ୍ର ବୋଷ ବାଲେଶ୍ୱର ଆସି ପ୍ରୀୟନାଥ ସରକାରଙ୍କ ଘରେ ଅତିଥି ହୋଇଥିଲେ । ପଣ୍ଡିତ ଜବାହରଲାଲଙ୍କ ମତରେ ଭାରତଛାଡ଼ ଆନ୍ଦୋଳନରେ ୧୯୪୨ ମସିହା ଶେଷ ସୁଦ୍ଧା ୬୦ ହଜାରରୁ ଅଧିକ ଲୋକଙ୍କୁ ଗିରଫ କରାଯାଇଥିବା ବେଳେ ଦଶହଜାର ବ୍ୟକ୍ତି- ପୋଲିସଙ୍କ ଦ୍ୱାରା ମୃତ୍ୟୁ ବରଣ କରିଥିଲେ । ୧୯୪୨ ମସିହାରେ ବାଲେଶ୍ୱର ଜିଲ୍ଲାର ଭୋଗରାଇ ଅଞ୍ଚଳରେ ଅଧିକ ଲୋକ ଭାରତଛାଡ଼ ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ । ଏହାଛଡ଼ା ଇରମ, ତୁଡ଼ିଗଡ଼ିଆ, ଭଣ୍ଡାରୀ ପୋଖରୀ, ଶ୍ରୀଜଙ୍ଗ, ଇଞ୍ଚୁଡ଼ି ଅଞ୍ଚଳରେ ହଜାର ହଜାର ଲୋକ ବାସିହୀନ ଏବଂ ପୋଲିସ ମାନଙ୍କର ଦମନ ଲୀଳାର ଶିକାର ହୋଇଥିଲେ । ତେଣୁ ଭାରତ ଛାଡ଼ ଆନ୍ଦୋଳନର ବାଲେଶ୍ୱର ଜିଲ୍ଲାକୁ ଦ୍ୱିତୀୟ ଜାଲିଓ୍ୱାନା ବାଗ ବୋଲି କୁହାଯାଏ ।

ଆଜି ଭାରତ ଛାଡ଼ ଆନ୍ଦୋଳନର ୭୯ବର୍ଷ ପୂର୍ତ୍ତି ଉପଲକ୍ଷେ ବାଲେଶ୍ୱର ଜିଲ୍ଲାର ପ୍ରତ୍ୟେକ ସ୍ୱାଧୀନତା ସଂଗ୍ରାମୀ ପରିବାର ଓ ତାଙ୍କର ଦାୟାଦ ମାନଙ୍କୁ ସେମାନଙ୍କର ପିତାଙ୍କର ତ୍ୟାଗକୁ ମନେ ପକାଇବା ସଙ୍ଗେ ସଙ୍ଗେ ସେମାନଙ୍କୁ ଭକ୍ତିପୂତ ପ୍ରଣାମ ଜଣାଉଅଛି ।

+ କାର୍ଯ୍ୟକାରୀ ସଭାପତି,
ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଯୁବ ସାମୁଖ୍ୟ, ଓଡ଼ିଶା ।

ମୁଁ ଜଣେ ସମ୍ମାନସ୍ପଦ ଭିକାରୀ !

ପଙ୍କଜ କୁମାର ପାଣିଗ୍ରାହୀ

ଲକ୍ଷ ଏକ, ରାସ୍ତା ଅନେକ !

କେବଳ ଦୃଷ୍ଟିଭଙ୍ଗୀକୁ ନେଇ ସାମାଜିକ ଗ୍ରହଣୀୟତା !

ଚୋର, ଠକ, ଭିକାରୀ, ଲାଞ୍ଚୁଆ, ଭ୍ରଷ୍ଟାଚାରୀ, ପ୍ରତାରକ

ଏମାନେ ସମସ୍ତେ ଗୋଟିଏ ପଥର ବାଟୋଇ,

ଯେଉଁମାନେ ସ୍ଥୁଳବିଶେଷକୁ ନେଇ ସମାଲୋଚିତ !!

ଏକ ସାଂସ୍କୃତିକ ପରମ୍ପରାପୂର୍ଣ୍ଣ ମଣିଷସମାଜ ତଥା ମାନବୀୟତାର ଚରମସୀମା ଓ ଧାର୍ମିକ ଅବଚେତନରେ ଅଭିଷିକ୍ତ ମୋ ଦେଶ ଭାରତବର୍ଷର ପୂର୍ବଜଙ୍କ ଆତ୍ମ ସ୍ୱାଭିମାନ ଏବଂ ସାମାଜିକ ଚେତନା କେବଳ ଆମ ଦେଶ କାହିଁକି, ସାରା ବିଶ୍ୱରେ ଯଥେଷ୍ଟ ସୁଖ୍ୟାତି ଅର୍ଜନ କରିଥିବା ସର୍ବଜନ ବଦିତ । ଆମ ଦେଶରେ ଜନ୍ମ ନେଇଥିବା ବିଭିନ୍ନ ଜ୍ଞାନୀ, ଗୁଣି ଦାର୍ଶନିକ ମାନଙ୍କ ଦ୍ୱାରା ରଚିତ ମାନବ ଧର୍ମ ଉପରେ ଆଧାରିତ ବିଶ୍ଳେଷଣ ଗୁଡିକ ଅନ୍ୟ ଦେଶ ଗୁଡିକରେ ଦେଖିବାକୁ ମିଳିବ ନାହିଁ । ତେଣୁ ବିଶ୍ୱର କୋଣ ଅନୁକୋଣରେ ଭାରତକୁ ସମସ୍ତେ ସମ୍ମାନ ଦେଇଆସୁଥିବା କିଛି ନୂଆ କଥା ନୁହେଁ । ଭାରତୀୟ ସଂସ୍କୃତିରେ ରଚିତ ବିଭିନ୍ନ ଉପଦେଶାବଳୀ ଏବଂ ସାମାଜିକ କର୍ତ୍ତବ୍ୟବୋଧତା ଗୁଡିକ ଅନୁଶୀଳନ କଲେ ଜଣାଯାଏଯେ ବାସ୍ତବିକ ମଣିଷପରି ମଣିଷଟିଏ ହେବାକୁ ହେଲେ ମାନବିକ ପ୍ରତିଭା ଗୁଡିକ ଅନୁକରଣ କରି କାର୍ଯ୍ୟରେ ଲଗାଇ ପାରିଲେ ସମାଜରେ ଜଣେ ଉତ୍ତମ ମଣିଷର ଆଖ୍ୟା ଦିଆଯାଇଥାଏ । ଅର୍ଥାତ ଆମ ପୂର୍ବଜମାନେ ସେଗୁଡିକୁ ଅତ୍ୟନ୍ତ ସମ୍ମାନ ଦେଉଥିଲେ ଏବଂ ନିଜେ ଯଥାସମ୍ଭବ କାର୍ଯ୍ୟକାରୀ କରୁଥିଲେ ଜୀବନଚର୍ଯ୍ୟାରେ । ପାରମ୍ପରିକ ରୀତିରେ ଆମ ଦେଶର ପ୍ରାୟତଃ ସମସ୍ତ ମଣିଷ ସେହି ମାନବିକ ଧର୍ମରେ ଅଭିଷିକ୍ତ ହୋଇ ଆସୁଥିଲେ । ତେଣୁ ପ୍ରାୟତଃ ଆମ ଦେଶରେ ଠକ, ଚୋର, ଭିକାରୀ, ମିଥ୍ୟାବାଦୀ ଏବଂ ଅସାମାଜିକ ମଣିଷ ମାନଙ୍କ ବହୁଳତା ନଥିଲା, ଏବଂ ଯିଏ ଏହିସବୁ କରୁଥିଲା ସେମାନଙ୍କୁ ରାଜା ମହାରାଜା ମାନଙ୍କ ଦ୍ୱାରା କଠୋର ଦଣ୍ଡ ବିଧାନ କରାଯାଇ ଆବଶ୍ୟକ ସ୍ଥଳେ ମୃତ୍ୟୁଦଣ୍ଡ ଦିଆଯାଉଥିଲା ! ବଡ ଆଶ୍ଚର୍ଯ୍ୟର କଥାଯେ ଦିନକୁ ଦିନ ମଣିଷର ମସ୍ତିଷ୍କ ଉନ୍ନତ ହେଉଥିବା ବେଳେ ସେହିସବୁ ମାନବିକତା ଧୀରେ ଧୀରେ ଆମ ସମାଜରୁ ଉଭେଇଯାଇ ଆଜିଦିନରେ କେବଳ ଅମାନୁଷିକ ଚିନ୍ତାଧାରାରେ ସମସ୍ତ ମଣିଷ ବଞ୍ଚୁଥିବା କେହି ଅସ୍ୱୀକାର କରିପାରିବେ ନାହିଁ ! ଏମିତି ମାନବିକ ଚିନ୍ତାଧାରରେ ଉନ୍ନତି ପରିବର୍ତ୍ତେ ଅବନତୀ ଘଟି ଆଜି ଆମଦେଶ ଏକରକମ ପଛୁଆ ହୋଇ ପଡୁଥିବା କାରଣ କ'ଣ ତର୍ଜମା କରିବା...

କହିବାକୁ ଗଲେ ଆଜି ଆମ ଦେଶରେ ସାଧାରଣ ଲୋକଙ୍କଠାରୁ ଆରମ୍ଭକରି ସମ୍ଭ୍ରାନ୍ତ ପରିବାର ଏବଂ ଅଶିକ୍ଷିତଙ୍କ ଠାରୁ ଆରମ୍ଭ କରି ଉଚ୍ଚ ଶିକ୍ଷିତଙ୍କ ପର୍ଯ୍ୟନ୍ତ ସବୁବର୍ଗର ଲୋକମାନଙ୍କର ଯାହାସବୁ କେଳେଙ୍କାରୀ ଚିନ୍ତନ ଦେଖିବାକୁ ମିଳୁଛି, ସେସବୁ ପାଶ୍ଚାତ୍ୟ ସଭ୍ୟତାରୁ ଆସିଥିବା ସ୍ୱୀକାର ଯୋଗ୍ୟ ! କାରଣ ଏହିଭଳି ଅମାନୁଷିକ, ଅସାମାଜିକ ଚିନ୍ତାଧାରା ଭାରତୀୟ ସଂସ୍କୃତିରେ ଆଦୌ ନଥିଲା । କେବଳ ଇଂଗ୍ରେଜ୍‌ମାନେ ଆମଦେଶରେ ଶାସନ ଆରମ୍ଭ କରିବାପରେ ସରକାରୀ ଚାକିରୀ, ଭବିଷ୍ୟନିଧି ପାଣ୍ଠି, ଅବସର ଭତ୍ତା, ବ୍ୟବସାୟ, ଏବଂ ଭବିଷ୍ୟତ ପାଇଁ ବ୍ୟାଙ୍କରେ ସଞ୍ଚୟ ସହିତ ବୀମା ଯୋଜନା ଇତ୍ୟାଦି ଶିକ୍ଷା ଦେଇଥିଲେ ! ଏହିସବୁ ଦ୍ୱାରା ସାଧାରଣ ମଣିଷ ମାନଙ୍କୁ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କରୁଥିବା ଦର୍ଶାଇ ଅଲୌକିକ ଭାବେ ପ୍ରଚୁର ଅର୍ଥ ଲୁଟୁଥିଲେ ଯାହା ଆଜିଦିନରେ ମଧ୍ୟ ଅପରିବର୍ତ୍ତିତ ଭାବେ ଚାଲୁଥାଇ ସେସବୁ କେମିତି ସମସ୍ତଙ୍କୁ ତଳିତଳାନ୍ତ କରୁଛି ଜାଣି ପାରୁନାହାନ୍ତି ସାଧାରଣ ମଣିଷ । ପୁନଶ୍ଚ କେବଳ ନିଜର ବଞ୍ଚିବା ପ୍ରଣାଳୀକୁ ଗୌଣ କରି ସଞ୍ଚୟ କରି ଭବିଷ୍ୟତ ପାଇଁ ଯଥେଷ୍ଟ ଅଧିକ ଅର୍ଥ ରଖିବା ଲକ୍ଷ ରଖିଥାନ୍ତି ସାଧାରଣ ଲୋକେ ଯାହା ସେମାନଙ୍କ କୌଣସି କାର୍ଯ୍ୟରେ ଆସିବକି ନାହିଁ ନିର୍ଦ୍ଦିଷ୍ଟ ନଥିଲେ ମଧ୍ୟ ଆର୍ଥିକ ସଂଚୟକାରୀ ସଂସ୍ଥା ଗୁଡିକ ପ୍ରଚୁର ଲାଭ ପାଉଛନ୍ତି ସେମାନଙ୍କ ଠାରୁ । ଏଥିସହିତ ସାଧାରଣ ଲୋକଙ୍କ ଅର୍ଥରେ ବ୍ୟବସାୟ କରି ବଡ ବଡ଼ ଶିଳ୍ପପତି ମାନେ ସେମାନଙ୍କୁ ଲୁଟି ଚାଲିଛନ୍ତି ଇଂଗ୍ରେଜ୍ ମାନଙ୍କ ଭଳି ଯାହା ସାଧାରଣ ଲୋକଙ୍କ ଜ୍ଞାନ ବହିର୍ଭୁତ । ତଥାପି ସମସ୍ତେ ଭାବନ୍ତି, ଭବିଷ୍ୟତ ପାଇଁ ସଞ୍ଚୟ କରିବା ଏକ ମାନବିକ ଧର୍ମ ! କିନ୍ତୁ ବାସ୍ତବିକ ଏହା ଆମ ଭାରତୀୟ ସଂସ୍କୃତି, ପରମ୍ପରାରେ ନଥିଲା !! ଏହା ନିଶ୍ଚୟ ପାଶ୍ଚାତ୍ୟ ପରମ୍ପରାରୁ ଆଗତ, ଯାହା ଆଜି ଆମଦେଶର ଏକ ଉପଦେଶାତ୍ମକ ଚରିତ୍ରରେ ପରିଣତ ହୋଇଯାଇଅଛି ! ଯାହାହେଉ ମୁ ଆଜି ଆଉ ସେହି ପ୍ରାଚୀନ ଭାରତୀୟ ପରମ୍ପରା ଏବଂ ଆମ ପୂର୍ବଜଙ୍କ ସ୍ୱାଭିମାନକୁ ଭୂକ୍ଷେପ ନକରି ପ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ରବିବାର, ଅଗଷ୍ଟ ୦୯, ୨୦୨୦

ମଙ୍ଗଳରେ ଉଡ଼ିବ ପ୍ରଥମ ହେଲିକପ୍ଟର୍

ଜୁଲାଇ ମାସକୁ ମଙ୍ଗଳ ମାସ ବୋଲି କୁହାଯାଇପାରିବ । କାରଣ ଏହି ମାସ ୩ ମହାକାଶ ମିସନ୍ ଜରିଆରେ ମଙ୍ଗଳ ଗ୍ରହର ଅଧ୍ୟୟନ ଆରମ୍ଭ ହୋଇଛି । ଏହି ତିନି ମଙ୍ଗଳ ମିସନ୍ ମଧ୍ୟରେ ନାସାର 'ପ୍ରିଜରଭାନ୍ସ' ରୋଭର୍ ଅନ୍ୟତମ । ରୋଭର୍‌ଟି ୬ ଚକବିଶିଷ୍ଟ ଏକ ରୋବୋ, ଯାହା ମଙ୍ଗଳରେ ଏକ ଛୋଟ ହେଲିକପ୍ଟର ମୁତୟନ କରିବ । ହେଲିକପ୍ଟରର ନାମ ଇନ୍‌ଜେନୁଇଟି । ମଙ୍ଗଳ ଗ୍ରହକୁ ଭବିଷ୍ୟତର ମାନବ ମିସନ୍ ନିମନ୍ତେ ଏହା ମାର୍ଗ ପ୍ରଶସ୍ତ ବୋଲି ନାସା ବୈଜ୍ଞାନିକ ଆଶାବାଦୀ ଅଛନ୍ତି ।



ରୋଭର୍‌ଟି ୧.୮ କିଲୋଗ୍ରାମ୍‌ର ସ୍ୱୟଂଚାଳିତ ଇନ୍‌ଜେନୁଇଟି ନାମକ ହେଲିକପ୍ଟର ବହନ କରିବ । ପରୀକ୍ଷାମୂଳକ ଭାବେ ଏହା ପ୍ରଥମ ଥର ମଙ୍ଗଳ ପୃଷ୍ଠରେ ଉଡ଼ାଣ ଭରିବ । ଯଦି ଏହା ସଫଳ ହୁଏ, ତେବେ ଭବିଷ୍ୟତରେ ନାସା ଏକ ରୋବୋ ମଙ୍ଗଳକୁ ପଠାଇବ, ଯାହା ଲାଲ୍ ଗ୍ରହର ଅଧ୍ୟନ ନିମନ୍ତେ ଏକାଧିକ ହେଲିକପ୍ଟର ମୁତୟନ କରିବ । ୨.୪ ବିଲିଅନ୍ ଡଲାର ଖର୍ଚ୍ଚରେ ପ୍ରସ୍ତୁତ ଏହି ମିସନ୍ ଗତ କାଲି ସକାଳ ୭.୫୦ରେ ଫ୍ଲୋରିଡାର କେପ୍ କାନାଭରାଲରୁ ମଙ୍ଗଳ ଅଭିମୁଖେ ଯାତ୍ରା କରିଛି । ଆମେରିକୀୟ ମହାକାଶ ଏଜେନ୍ସି ପକ୍ଷରୁ ମଙ୍ଗଳ ପୃଷ୍ଠକୁ ଏବେ ସୁଦ୍ଧା ଯାତ୍ରା କରିଥିବା ଏହା ୯ମ ମିସନ୍ । କାର ଆକୃତିର ଏହି ରୋଭର୍ ଆସନ୍ତା ବର୍ଷ ଫେବୃଆରୀରେ ମଙ୍ଗଳରେ ପହଞ୍ଚିବ ବୋଲି ଆଶା କରାଯାଉଛି । ମଙ୍ଗଳର ୮୨୦ ଫୁଟ ଗଭୀର ଜେଜେରୋ ନାମରେ ପରିଚିତ କ୍ରାଟର୍‌ରେ ଅବତରଣ କରିବାକୁ ରୋଭର୍‌ର ଲକ୍ଷ୍ୟ ରହିଛି । ଜେଜେରୋ ୩୫୦ କୋଟି ବର୍ଷ ପୂର୍ବର ଏକ ହ୍ରଦ । ଏହି ମିସନ୍ ଜରିଆରେ ଏଠାରେ ଅତୀତରେ ଥିବା ସୂକ୍ଷ୍ମ ଜୀବଙ୍କର କିଛି ଅବଶେଷ କିମ୍ବା ସଙ୍କେତ ମିଳିବ ବୋଲି ବୈଜ୍ଞାନିକମାନେ ଆଶା କରୁଛନ୍ତି । ଜେଜେରା କ୍ରାଟର୍‌ରେ

ରୋଭର୍‌ଟି ୬୦୦ ଦିନ ବିତାଇବ । ଏହି ୬ ଚକିଆ ରୋବୋ ଯେକୌଣସି ଏକ ରୋବୋ ଭଳି, ଯାହାକୁ ନାସା ପୂର୍ବରୁ ମଙ୍ଗଳ ମିସନ୍‌ରେ ପଠାଇଛି । ପ୍ରାଚୀନ ଜୀବଜଗତର ପ୍ରମାଣ ଅନ୍ୱେଷଣ ନିମନ୍ତେ ଏହା ଚେଷ୍ଟା କରିବ । ବୈଜ୍ଞାନିକମାନେ ଜାଣନ୍ତି ଯେ ମଙ୍ଗଳକୁ ନେଇ ଅଧ୍ୟୟନର ସଠିକ୍ ତଥ୍ୟ ସେତେବେଳେ ମିଳିପାରିବ, ଯଦି ସେଠାକାର ତତ୍ତ୍ୱଗୁଡ଼ିକୁ ପୃଥିବୀକୁ ଆଣି ଅଧ୍ୟୟନ କରାଯିବ । ଏହି ଉଦ୍ଦେଶ୍ୟ ପ୍ରିଜରଭାନ୍ସର ରହିଛି । ଏହା ପ୍ରଥମ ଥର ମଙ୍ଗଳ ଶିଳାର ନମୁନା ପୃଥିବୀକୁ ଆଣିବାକୁ ଚେଷ୍ଟା କରିବ । ନିଜର ସିଗାର ଆକୃତିର କ୍ୟାପ୍‌ସୁଲରେ ମଙ୍ଗଳର ସାମଗ୍ରୀ ସଂଗ୍ରହ କରିବା ସହିତ ସେଗୁଡ଼ିକୁ ପୃଷ୍ଠରେ ବିଛେଇବ । ପରବର୍ତ୍ତୀ ସମୟରେ ଭବିଷ୍ୟତର ରୋଭର୍ ଦ୍ୱାରା ଏହାର ପୁନରୁଦ୍ଧାର ହେବ ।

ସୂଚନାଯୋଗ୍ୟ, ଅନ୍ୟ ଦୁଇ ମଙ୍ଗଳ ମିସନ୍ ଦୁବାଇ ଓ ଚୀନ ପକ୍ଷରୁ ଏହି ମାସ ଲଞ୍ଚ କରାଯାଇଛି । ଦୁବାଇର ମଙ୍ଗଳ ମିସନ୍ 'ଦ ହୋପ୍ ପ୍ରୋବ୍' ଏବଂ ଚୀନ୍‌ର 'ତିଆନ୍‌ୱେନ୍-୧' ମଙ୍ଗଳ ଗ୍ରହର ଅଧ୍ୟୟନ ଉପରେ ନିଜ ନିଜର ଶକ୍ତି ପ୍ରଦର୍ଶନ କରିବେ । ଦୁବାଇର ହୋପ୍ ପ୍ରୋବ୍ ଏକ ଅର୍ବିଟର ସାହାଯ୍ୟରେ ମଙ୍ଗଳର ବାୟୁମଣ୍ଡଳ ଉପରେ ଅଧ୍ୟୟନ କରିବାକୁ ଲକ୍ଷ୍ୟ ରଖିଛି । ଅନ୍ୟପକ୍ଷରେ ଚୀନ୍‌ର ତିଆନ୍‌ୱେନ୍-୧ ଏକ ଅର୍ବିଟର, ଏକ ଲ୍ୟାଣ୍ଡର ଓ ରୋଭର୍ ସାହାଯ୍ୟରେ ଲାଲ ଗ୍ରହର ଏକ ବିଶ୍ୱସ୍ତରୀୟ ସର୍ଭେ କରିବ ।

ପୃଥିବୀ ଓ ମଙ୍ଗଳ ପରସ୍ପରର ଅତି ନିକଟରେ, ଅର୍ଥାତ ମାତ୍ର ୫୫୦ କୋଟି କିଲୋମିଟର ଦୂରରେ ଅବସ୍ଥାନ କରିବାର ସମୟ ଆକଳନ କରି ଚଳିତ ବର୍ଷ ଜୁଲାଇକୁ ଏହି ତିନି ରାଷ୍ଟ୍ର ମଙ୍ଗଳ ଗ୍ରହର ଅଧ୍ୟୟନ ପାଇଁ ପ୍ରକୃଷ୍ଟ ସମୟ ମନେକରି ମଙ୍ଗଳ ଯାନ ପଠାଇଛନ୍ତି ।

୨୫୦ ବର୍ଷର ଗଛ ସୁରକ୍ଷାରେ ୨ ବନ କର୍ମଚାରୀ

ଉତ୍ତରପ୍ରଦେଶର ଗୋରଖପୁରରେ ୨୫୦ ବର୍ଷ ପୁରୁଣା ଏକ ଗଛକୁ ସୁରକ୍ଷା ଦେବା ଲାଗି ବନ ବିଭାଗ ସିଦ୍ଧାନ୍ତ ନେଇଛି । ଗଛକୁ ଦିନରାତି ଜଗିବା ଲାଗି ୨ ଜଣ ବନ କର୍ମଚାରୀଙ୍କୁ ନିୟୋଜିତ ବି କରାଯାଇଛି । ଗୋରଖପୁର ରେଞ୍ଜର ଫରେଣ୍ଟା ଜଙ୍ଗଲରେ ୨ଟି ଅତି ପୁରୁଣା ଗଥ ଥିଲା । ତାକୁ ବନ ବିଭାଗ ପକ୍ଷରୁ 'ସୁନ୍ଦର' ଏବଂ 'ମୁନ୍ଦର' ଭାବ ନାମିତ କରାଯାଇଥିଲା । କିଛି ମାସ ତଳେ 'ବୁନ୍ଦର' ଧରାଶାୟୀ ହୋଇ ପଡ଼ିଥିଲା । ତେଣୁ 'ସୁନ୍ଦର'କୁ ସୁରକ୍ଷା ଦେବାଲାଗି ବନବିଭାଗ ଉଦ୍ୟମ ଆରମ୍ଭ କରିଛି । ଏହାର ପ୍ରକୃତ ବୟସ କେତେ ସେ ସଂପର୍କରେ ଠିକ୍ ଭାବ ଜଣାନାହିଁ । ତେବେ ଫରେଣ୍ଟା ଅଞ୍ଚଳର କିଛି ବୟସ୍କ ଲୋକଙ୍କ ସହ କଥା ହୋଇ ବନ ବିଭାଗ ଏହାର ବୟସକୁ ୨୫୦ ବୋଲି ରେକର୍ଡଭୁକ୍ତ କରିଛି । 'ସୁନ୍ଦର'ର ଗଣ୍ଡି ୫.୩୦ ମିଟର ଚଉଡ଼ା । ଏ ସଂପର୍କରେ ଡିଏଫ୍‌ଓ ଅବିନାଶ କୁମାର କହିଛନ୍ତି, 'ସେହି ଅଞ୍ଚଳରେ 'ସୁନ୍ଦର' ଭଳି ପୁରୁଣା ଗଛ ଆଉ ନାହିଁ । ତେରୁ ତାକୁ ସଂରକ୍ଷିତ କରି ରଖିବା ଲାଗି ସୁଦ୍ଧାନ୍ତ ନିଆଯାଇଛି । ଏହାକୁ 'ଐତିହ୍ୟ ଗଛ' ଭାବେ ନାମିତ କରାଯିବ । ଗଛର ଗୁରୁତ୍ୱ ସଂପର୍କରେର ଏକ ଫଳକରେ ଲେଖାଯିବ । ଚାରିପଟେ ବାଡ଼ ଦିଆଯାଇ ତାକୁ ସୁରକ୍ଷା ଦିଆଯିବ ।'

ଫୁଲ ନା ଶୁଆ !

ଥାଇଲାଣ୍ଡରେ ମିଳୁଥିବା ପ୍ୟାରଟ୍ ଫ୍ଲେଭର୍‌ର ବୈଜ୍ଞାନିକ ନାମ ହେଉଛି 'ଇମ୍ପେସନ୍ସ ସ୍ପେକିନା' । ଏହାକୁ ଥାଇ ଭାଷାରେ 'ଡାର୍କ ନୋକ ଖେବୁ' କୁହାଯାଏ । ଏହି ଫୁଲକୁ ଦେଖିଲେ ଲାଗେ ଯେମିତି କେହି ଗୋଟେ ଛୋଟ ଶୁଆକୁ ସରୁସୂତାରେ ଗଛ ଡାଳରେ ଟାଙ୍ଗି ଦେଇ



ଯାଇଛି । କିନ୍ତୁ ଏହି ଫୁଲ ଦେଖିବାକୁ ସୁନ୍ଦର ସିନା ତୀବ୍ର ଦୁର୍ଗନ୍ଧଯୁକ୍ତ । ତେଣୁ କୀଟପତଙ୍ଗ ଏହା ପ୍ରତି ଆକୃଷ୍ଟ ହେବା ପ୍ରାୟ ଦେଖାଯାଏ ନାହିଁ । ଫଳରେ ଫୁଲର ପରାଗ ସଂଗମରେ ବାଧା ଦେଖା ଦେଇଥାଏ । ଏହାକୁ ମଞ୍ଜି ପ୍ରସ୍ତୁତ ହେବା କଷ୍ଟକର ହୋଇପଡେ । ତେଣୁ ଏହି ଗଛ ଏକ ଦୁର୍ଲଭ ପ୍ରଜାତି ହିସାବରେ ଗଣାଯାଏ । କେବଳ ସନ୍ତସନ୍ତିଆ ସ୍ଥାନରେ ଏହି ଗଛ ବଢ଼ିପାରେ । ଏହାର ଉଚ୍ଚତା ମାତ୍ର ଏକ ମିଟର ଭିତରେ ସୀମିତ ରହେ । ଏହାର ମୁଖ୍ୟ ଶାଖା ପ୍ରାୟ ଅଧ ଇଞ୍ଚ ମୋଟା ତଥା ପତ୍ରର ଆକାର ଦୁଇ ରୁ ଅଢ଼େଇ ଇଞ୍ଚ ମଧ୍ୟରେ ହୋଇଥାଏ । ଏହାର ଫୁଲ ଅର୍ଥାତ୍ ପ୍ୟାରଟ ଫ୍ଲାୱାର (ଶୁଆ ଫୁଲ)ର ଆକାର ମାତ୍ର ଦୁଇ ଇଂଚ ।

ଅନଲାଇନ୍ ବିବାହ

ବେଦିରେ ବସୁ ନାହାନ୍ତି ବର-କନିଆ । ନା ରହୁଛି ସାତ କଳସ, ଆଠ ଦୀପ । ବ୍ରାହ୍ମଣର ମନ୍ତ୍ରଧ୍ୱନି ଶୁଭୁନି । ନା ବାଜା ନା ବାଣର ରୋଷଣୀ । ପାରମ୍ପରିକ ବାହାଘରର ଖୁସି ଆଉ ମଜାକୁ ଲଟି ନେଇଛି କରୋନା । ଚାରି ମାସ ଭିତରେ ସବୁକିଛି ହୋଇଛି ଓଲଟପାଲଟ । ପାରମ୍ପରିକ ବ୍ୟବସ୍ଥାକୁ ପଛକୁ ଠେଲି ଏବେ ଆରମ୍ଭ ହୋଇଛି ଭର୍ଚୁଆଲ ୱେଡିଙ୍ଗ୍ ଦାମ୍ପତ୍ୟ ଜୀବନର ସ୍ମରଣୀୟ ଶୁଭ ମୁହୂର୍ତ୍ତ ବିବାହ ଉତ୍ସବ ଅନଲାଇନ୍‌ରେ ହେଉଛି । ସଂକ୍ରମଣ ଭୟ ଓ ସାମାଜିକ ଦୂରତାର କଟକଣା ବାହା ବେଦିର ହସଖୁସି, ଥଟ୍ଟାମଜା ଓ ଅନୁଭବକୁ ଏବେ କରିଦେଇଛି ଯାନ୍ତ୍ରିକ । ସମୟର ଏ ପରିବର୍ତ୍ତନକୁ ବାଧ୍ୟବାଧକତାରେର ଗ୍ରହଣ କରୁଛନ୍ତି ଯୁବକ ଯୁବତୀ । କରୋନା ଭାଇରସ ମହାମାରୀ ଯୋଗୁ ଆମ ଜୀବନଶୈଳୀରେ ଅନେକ କିଛି ପରିବର୍ତ୍ତନ ଆସିଛି । ବାରମ୍ବାର ହାତ ଧୋଇବା, ସଫା ରହିବା, ମାସ୍କ ପିନ୍ଧିବା ଆମ ଜୀବନଶୈଳୀ ସହିତ ଯୋଡ଼ି ହୋଇ ଯାଇଛି । ସାମାଜିକ ଦୂରତା ରକ୍ଷା କରିବାକୁ ଯାଇ ସବୁକିଛି ଏବେ ଅନଲାଇନ୍ ମାଧ୍ୟମରେ ହେଉଛି । ଅନଲାଇନ୍ ପ୍ଲାଟଫର୍ମର ସହାୟତାରେ ହେଉଛି । ତେବେ ଏବେ ଏହି ପ୍ଲାଟଫର୍ମରେ ସାମିଲ ହୋଇଛି ଅନଲାଇନ୍ ବିବାହ । ସାମାଜିକ ଦୂରତାର ପାଳନ କରିବାକୁ ବାଛୁଛନ୍ତି । ଏବେ ଅନଲକ୍ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ରୂପେ ସ୍ଥିତି ସ୍ୱାଭାବିକ ହୋଇନି । ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଉଛି । ଏମିତି ପରିସ୍ଥିତିରେ ଏବେ ଯୁବକ ଯୁବତୀ ଅନଲାଇନ୍ ବା ଭର୍ଚୁଆଲ ବିବାହର ସାହାର ନେଉଛନ୍ତି ।

ଭଚୁଆଲ ବିବାହ କ'ଣ ?:

ଏବେ ଲକଡାଉନ୍‌ରେ ଅନଲାଇନ୍ ବିବାହ ହେଉଛି । ଏହାକୁ ଭର୍ଚୁଆଲ ୱେଡିଙ୍ଗ୍ ମଧ୍ୟ କୁହାଯାଉଛି । ଏଥିରେ ବିବାହର ସମସ୍ତ ରୀତିନୀତି ଅନଲାଇନ୍ ମାଧ୍ୟମରେ ହୋଇଥାଏ । ତେବେ କରୋନା ଭାଇରସ ମହାମାରୀ ଯୋଗୁ ଆମକୁ କଟକଣା ଭିତରେ ଜୀବନ ବିତାଇବାକୁ ପଡୁଛି । ଲୋକମାନେ ଘରେ ରହୁଛନ୍ତି ବେଶି ବାହାରକୁ ଯାଉ ନାହାନ୍ତି । ସବୁ ପ୍ରକାର ସାମାଜିକ କାର୍ଯ୍ୟକ୍ରମକୁ ସ୍ଥଗିତ ହୋଇଛି । କିନ୍ତୁ ବିବାହ ପରି କାର୍ଯ୍ୟକ୍ରମକୁ କିଛି କଟକଣା ଭିତରେ

କରାଯାଇଛି । ଲକଡାଉନ୍‌ରେ ମଧ୍ୟ ଅନେକ ବିବାହ କରୁଛନ୍ତି । ହେଲେ ଭିନ୍ନ ଉପାୟରେ, ଯାହାକୁ ଅନ୍‌ଲାଇନ୍ ବା ଭର୍ଚୁଆଲ ୱେଡିଙ୍ଗ୍ କୁହାଯାଉଛି । ଅନଲାଇନ୍ ବିବାହରେ ପଣ୍ଡିତ ଅନଲାଇନ୍ ଭିଡିଓ ଚାଟିଙ୍ଗ୍‌ରେ ମନ୍ତ୍ର ପଢ଼ିଥାଏ । ସାଙ୍ଗ ଏବଂ ଅତିଥିମାନେ ମଧ୍ୟ ଘରେ ବସି ନାଚଗୀତ କରିଥାନ୍ତି । ସେମିତି ସଂପର୍କୀୟମାନେ ମଧ୍ୟ ଭିଡିଓ ମାଧ୍ୟମରେ ବର ମଧୂଙ୍କୁ ଆର୍ଶୀବାଦ ଦେଇଥାନ୍ତି । ମେକଅପକ ଆର୍ଟିଷ୍ଟ ମଧ୍ୟ ଅନଲାଇନ୍ ଭିଡିଓ ଜରିଆରେ ବିୟୁଟି ଟିପ୍ସ ଦେଇଥାନ୍ତି । ଏସବୁ ଜିନିଷ ଇଣ୍ଟରନେଟ ମାଧ୍ୟମରେ ହୋଇଥାଏ । କନ୍‌ଫ୍ରେନ୍ସ କଲ୍‌ରେ ବନ୍ଧୁବାନ୍ଧବ ଯୋଡ଼ି ହୋଇଥାନ୍ତି । ସାଙ୍ଗ ଏବଂ ଅତିଥିମାନଙ୍କୁ ଇ-ଇନଭିଟେସନ ଦିଆଯାଇଥାଏ । ତା' ସହିତ ମେହେନ୍ଦି ସେରିମନି, ଡିଜେ ଏବଂ ସଙ୍ଗୀତ ମଧ୍ୟ ଅନଲାଇନ୍‌ରେ ହୋଇଥାଏ । ଏହାପରେ ବି ଭର୍ଚୁଆଲ ୱେଡିଙ୍ଗ ଫଟୋଗ୍ରାଫି ମଧ୍ୟ ଉପଲବ୍ଧ । ଏସବୁ ବର ବଧୂ ଏବଂ ସାଙ୍ଗ ଅତିଥିମାନଙ୍କ ସହିତ କନଫ୍ରେନ୍ସ କଲ ମାଧ୍ୟମରେ ହୋଇଥାଏ । ଅତିଥିମାନଙ୍କୁ ଗୋଟିଏ ସମୟ ଦିଆଯାଇଥାଏ । ସେହି ସମୟ ଭିତରେ ସମସ୍ତେ ପ୍ରସ୍ତୁତ ଅନଲାଇନ୍ ପାର୍ଟିରେ ସାମିଲ ହୋଇଥାନ୍ତି ।

ଓଡ଼ିଶାରେ ଭର୍ଚୁଆଲ ବିବାହ:

କରୋନା କଟକଣା ଭିତରେ ମଧ୍ୟ ଅଧିଂକାଶ କପଲ୍ ବିବାହ କରିଛନ୍ତି । ବାଜା ବାଣ ଫୁଟାଇ ବିବାହ କରିବାକୁ ମନ ଚାହିଁଲେ ବି ସାମାଜିକ ଦୂରତା ଏଥିରେ ବ୍ରେକ୍ ଲଗାଇ ଦେଇଛି । ତେଣୁ ଜାକଜମକରେ ନ ହେଉ ମଧ୍ୟ କମ୍ ଲୋକଙ୍କୁ ନେଇ ବିବାହ ସମ୍ପନ୍ନ ହେଉଛି । କେହି କେହି ତ ବିବାହ ତାରିଖ ମଧ୍ୟ ଘୁଞ୍ଚାଇ ଚାଲିଛନ୍ତି । କିନ୍ତୁ କରୋନା କଟକଣା କେବେ ଉଠିବ ତା'ର କିଛି ଠିକ୍ ନାହିଁ ।

ଲେଖିବା ଆରମ୍ଭ ସମୟରେ ଶିଶୁଙ୍କର ଦ୍ୱନ୍ଦ୍ୱ

ଶିଶୁମାନେ ଯେତେବେଳେ ପ୍ରଥମ କରି ପାଠପଢା ଆରମ୍ଭ କରିବା ସହିତ ବିଦ୍ୟାଳୟ ଯାଆନ୍ତି, ସେହି ସମୟରେ ସେମାନେ କେଉଁ ହାତରେ ଲେଖିବେ ସେଥିନେଇ ଦ୍ୱନ୍ଦ୍ୱରେ ପଡିଥାନ୍ତି ବୋଲି ଏକ ନୂତନ ଗବେଷଣାତ୍ମକ ଅନୁଧ୍ୟାନରୁ ଜଣାପଡିଛି । ଗବେଷକଙ୍କ କହିବାନୁଯାୟୀ, ଶିଶୁର ଶାରୀରିକ ଓ ଶୈଖିକ ବିକାଶରେ ଏହା ପ୍ରତିବନ୍ଧକ ସୃଷ୍ଟି କରିଥାଏ । ମନସ୍ତତ୍ତ୍ୱବିତ୍‌ଙ୍କ ମତରେ ୫ ବର୍ଷ ବୟସ୍କ ୩୦ ପ୍ରତିଶତ ପିଲା ଲେଖିବା ପାଇଁ ବାମ ହାତ କିମ୍ବା ଦକ୍ଷିର ହାତ ବ୍ୟବହାର କରିବେ ତାହା ଜାଣିନଥାନ୍ତି । କେଉଁ ହାତରେ ପେନ୍‌ସିଲ ବା ଚକ୍ ଧରିବେ ସେଥିନେଇ ଦ୍ୱନ୍ଦ୍ୱରେ ପଡିଯାଇଥାନ୍ତି ।



ଅତୀତ ଅପେକ୍ଷା ଏବେ ପିଲାମାନେ ଧୀରେ ବିକଶିତ ହେଉଥିବା ଗବେଷକ କହିଛନ୍ତି; ଯାହାଫଳରେ କି ବୟସ ବଢିବା ପରେ ମଧ୍ୟ ଆଳୁ ଚୋପା ଛଡାଇବା ଭଳି ସାଧାରଣ କାର୍ଯ୍ୟ ମଧ୍ୟ ଠିକ୍ ଭାବେ କରିପାରିନଥାନ୍ତି । ତେବେ ଶିଶୁର ମସ୍ତୁର ବିକାଶ ପାଇଁ ଅଦିକ ସଚେତନ ପିତାମାତା ଦାୟୀ । ସେମାନେ ଛୁଆଟିକୁ ତଳେ ଗଡିବା ବା ଗୁରୁଣ୍ଡିବାର ସୁଯୋଗ ଯିକେ ମଧ୍ୟ ଦେଇନଥାନ୍ତି । ଯଦି ଶିଶୁଙ୍କ ମୋଟର ଦକ୍ଷତା ଆପେ ଆପେ ନ ବଢ଼େ, ସେତେବେଳେ ସେମାନଙ୍କ ବାମ-ଦକ୍ଷିଣ ସମନ୍ୱୟ ଦକ୍ଷତା କମିତା, । ହୁରହାମ୍ କର୍ଟ୍ରି କାଉନସିଲର ମୁକ୍ୟ ମନସ୍ତତ୍ତ୍ୱବିତ୍ ମ୍ୟାଡେଲିନ୍ ପୋର୍ଟଉଡ୍ ଏହି ଗବେଷଣା କରିଛନ୍ତି । ଶିଶୁଙ୍କ ମାନସିକ ଓ ଶାରୀରିକ ଦକ୍ଷତା ବୃଦ୍ଧି କରିବା ପାଇଁ ପିତାମାତା ସେମାନଙ୍କ ସମ୍ମୁଖରେ ଶିଶୁକୁ ଖେଳାଖେଳି କିମ୍ବା କିଛି ଜିନିଷପତ୍ର ଭଙ୍ଗା ଭଙ୍ଗି କରିବା ସହିତ ଏହାକୁ ଅନୁକରଣ କରିବା ଭଳି ସୁଯୋଗ ସୃଷ୍ଟି କରିବା ଦରକାର । ଯଦି ଶିଶୁଙ୍କୁ ୪ କିମ୍ବା ୫ ବର୍ଷ ବୟସରୁ ପାଠପଢା ଆରମ୍ଭ କରୁଥାନ୍ତି, ତେବେ ପଢାଇବା ସହିତ ଲେଖିବାର ଅଭ୍ୟାସ କରାନ୍ତୁ । କେଉଁ ହାତରେ କିଭଳି ପେନ୍‌ସିଲ ଅଥବା ଚକ୍ ଖଡି ଧରିବ ସେ ସଂପର୍କରେ ମଦ୍ୟ ଧାରଣା ଦିଅନ୍ତୁ । ପୋର୍ଟଉଡଙ୍କ ଗବେଷଣାତ୍ମକ ତଥ୍ୟ ଅନୁଯାୟୀ ତିନିବର୍ଷ ବୟସ୍କ ୫୭ ପ୍ରତିଶତ ପିଲା ଯେଉଁ କାର୍ଯ୍ୟ କରିବା କ୍ଷମତା ରଖିବା କଥା ତାହା ରଖିପାରନ୍ତି ନାହିଁ । ଅନେକ କ୍ଷେତ୍ରରେ ଏଭଳି ଦକ୍ଷତାହ୍ରାସର କାରେର ଯେଳିଭିଜନ ଦେଖିବା ବୋଳି ମଧ୍ୟ ପୋର୍ଟଉର୍ଡ୍ ଏକ କାରର ସଂପର୍କରେ ସତର୍କ କରାଇ ଦେଇଛନ୍ତି ।

ଗୋରୁମହିଷାଣି ଥାନାରେ ରକ୍ତଦାନ ଶିବିର ଅନୁଷ୍ଠିତ

ବାରିପଦା,୦୮।୮ (ନି.ପ୍ର): ରାଇରଙ୍ଗପୁର ସବଡିଭିଜନ ଅନ୍ତର୍ଗତ ଗୋରୁମହିଷାଣି ଥାନା ପରିସରରେ ଆମ ପୋଲିସ ସମିତି ଆନୁକୁଲ୍ୟରେ ଏକ ରକ୍ତଦାନ ଶିବିର ଅନଷ୍ଠିତ ହୋଇଯାଇଛି । ଏହି ରକ୍ତଦାନ ଶିବିରରେ ଅତିଥି ଭାବରେ ରାଇରଙ୍ଗପୁର ଉପଜିଲ୍ଲାପାଳ, ରାଇରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଯୋଗଦେଇ ଶିବିରକୁ ଉଦଘାଟନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ରାଇରଙ୍ଗପୁର ଏସ.ଡି.ପି.ଓ., ଗୋରୁମହିଷାଣି ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । କରୋନା ମହାମାରୀ ସମୟରେ ହସପିଟାଲ ଗୁଡିକରେ ରକ୍ତର ଅଭାବକୁ ଲକ୍ଷ୍ୟରେ ରଖି ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରକ୍ତ ସଂଗ୍ରହ ଉପରେ ବିଶେଷ ଧ୍ୟାନ ଦେଇ ସମସ୍ତଙ୍କୁ ରକ୍ତ ଦାନ ପାଇଁ ଅପିଲ କରିଥିବାରୁ ବିଭିନ୍ନ ସ୍ଥାନରେ ବହୁଳ ମାତ୍ରାରେ ରକ୍ତ ଦାନ ଶିବିର ମାନ ଅନୁଷ୍ଠିତ ହୋଇ ଆସୁଛି । ଏହି ରକ୍ତ ଦାନ ଶିବିରରେ ମୋଟ ୭୫ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ବେଳେ ଜି.ଏମ.ଏସ. ମାଇନ୍ସ ର ମେନେଜର ସମେତ ୧୦ ଜଣ ଷ୍ଟାଫ, ଗୋରୁମହିଷାଣି ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁ, ବହୁ ସାମ୍ବାଦିକ ବନ୍ଧୁ, କୁଲେଇଶିଳା ଗ୍ରାମପଂଚାୟତର ସରପଂଚ ପ୍ରମୁଖ ବହୁ ପ୍ରମୁଖ ବ୍ୟକ୍ତି ତଥା ସ୍ୱେଚ୍ଛାସେବୀ ମାନେ ରକ୍ତ ଦାନ କରିଥିଲେ । ଶେଷରେ ରକ୍ତ ଦାତା ମାନଙ୍କୁ ଅତିଥି ମାନେ ସମ୍ମାନୀତ କରିଥିଲେ ।

୨ ମୋବାଇଲ ଲୁଟେରା ଗିରଫ : ମୋବାଇଲ ସହ ବାଇକ୍ ଜବତ

ଧର୍ମଶାଳା,୦୮।୮ (ନି.ପ୍ର): ଧର୍ମଶାଳା ଥାନା ଅନ୍ତର୍ଗତ ବିଭିନ୍ନ ଅଂଚଳରେ ହାଇୱେରୁ ଟ୍ରକ ଚାଳକମାନଙ୍କଠାରୁ ରାତି ଅଧରେ ଦୃବୃତମାନେ ଲୁଟପାଟ କରିବା ନେଇ ଅଭିଯୋଗ ହୋଇଆସୁଥିଲା । ଏବଂ ୩ ଦିନ ପୂର୍ବେ ଧର୍ମଶାଳା ଥାନା ଅନ୍ତର୍ଗତ ମାଣ୍ଡିଆଛକରୁ ମୋବାଇଲ ଲୁଟ ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଫଳରେ ବିଭିନ୍ନ ସ୍ଥାନରେ ଧର୍ମଶାଳା ଥାନା ପକ୍ଷରୁ ଧରପଗଡ କରାଯାଇ ୨ ଜଣ ହାଇୱେ ଲୁଟେର ।ଙ୍କୁ ଗିରଫ କରିଛି । ଗିରଫ ଯୁବକମାନେ ହେଲେ ବଡଚଣା ଥାନା ଅନ୍ତର୍ଗତ ନିଶିମଳା ଗ୍ରାମର ଦିବ୍ୟରଂଜନ ଜେନା ଓରଫ ସିପୁଆ ଓ ବେଣାପୁର ଗ୍ରାମର ସୁବ୍ରତ ନାୟକ ଓରଫ ରାଜୁ ବୋଲି ଜଣାପଡିଛି । ସେମାନଙ୍କ ନିକଟରୁ ଚୋରୀ ମୋବାଇଲ ସହ ଏକ ନୀଳ ରଂଗର ଟିଭିଏସ୍ ଆପାଚି ବାଇକକୁ ପୋଲିସ ଜବତ କରିଛି । ଧର୍ମଶାଳା ଥାନା ଓ ବଡଚଣା ଥାନା ଅଂଚଳରେ ଯାଇଥିବା ୨ଟି ଜାତୀୟ ରାଜପଥରୁ ଆଇରନ ବୋଝେଇ ଟ୍ରକକୁ ଅଟକାଇ ଚାଳକଙ୍କୁ ଧମକାଇ ସେମାନଙ୍କ ନିକଟରୁ ମୋବାଇଲ ଓ ଟଙ୍କା ଲୁଟ କରୁଥିବା ପୁଲିସ ଜାଣିବାକୁ ପାଇଛି । ଏହି ଘଟଣାରୋ କେସ୍ ନଂ ୩୦୪/୨୦ରେ ଏକ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି ।

ଚିତ୍ରଡା ଠାରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାରିପଦା,୦୮।୮ (ନି.ପ୍ର): ମରୋଡା ବ୍ଲକ ଅନ୍ତର୍ଗତ ଚିତ୍ରଡା ଠାରେ ଏକ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ରକ୍ତଦାନ ଶିବିରରେ ଅତିଥି ଭାବରେ ମରୋଡା ପ୍ରଭାରୀ ତଥା ଭୁବନେଶ୍ୱର ବିଧାୟକ ସୁଶାନ୍ତ ରାଉତ, ମରୋଡା ବିଧାୟକ ରାଜକିଶୋର ଦାସ, ପ୍ରକାଶ ମହାନ୍ତି, ମରୋଡା ବ୍ଲକ ବିଜେଡି ସଭାପତି ଜୟ ପ୍ରକାଶ ରାଉଳ, ବ୍ଲକ ଉପାଧ୍ୟକ୍ଷ ସଚିଦାନନ୍ଦ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । କରୋନା ମହାମାରୀ ସମୟରେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରକ୍ତ ସଂଗ୍ରହ ଉପରେ ବିଶେଷ ଧ୍ୟାନ ଦେଇ ସମସ୍ତଙ୍କୁ ରକ୍ତ ଦାନ ପାଇଁ ଅପିଲ କରିଥିବାରୁ ବିଭିନ୍ନ ସ୍ଥାନରେ ବହୁଳ ମାତ୍ରାରେ ରକ୍ତ ଦାନ ଶିବିର ମାନ ଅନୁଷ୍ଠିତ ହୋଇ ଆସୁଛି । ଏହି ରକ୍ତ ଦାନ ଶିବିରରେ ମୋଟ ୧୧୮ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ବେଳେ ରକ୍ତ ଦାତା ମାନଙ୍କୁ ଅତିଥି ମାନେ ସମ୍ମାନୀତ କରିଥିଲେ ।

ମୌର୍ଯ୍ୟଯୁଗର ସ୍ୱର୍ଣ୍ଣ ମୁଦ୍ରା ଉଦ୍ଧାର

ଧର୍ମଶାଳା,୦୮।୮ (ନି.ପ୍ର): ଧର୍ମଶାଳା ବ୍ଲକ ରାଧାନଗର ଗାଁ ନିକଟରୁ ମୌର୍ଯ୍ୟ ଯୁଗର ସ୍ୱର୍ଣ୍ଣ ମୁଦ୍ରା ଉଦ୍ଧାର ହୋଇଛି । ବେଣୁଧର ନାୟକ ଜଣେ ଚାଷୀ ଚାଷ କାମ କରୁଥିବା ସମୟରେ ସେ ଏହାକୁ ପାଇଥିଲେ । ଏହି ମୁଦ୍ରାର ଓଜନ ୭.୫ଗ୍ରାମ ହେବ ବୋଲି ଜଣାପଡିଛି । ମୁଦ୍ରାରେ ୨ ଗର୍ତ ଥିବା ବେଳେ ଗୋଟି ପାର୍ଶ୍ୱରେ ଜଣେ ରାଜା ମାର୍ଶଲ ଧରିଥିବା ବେଳେ ଅନ୍ୟ ପାଶ୍ୱରେ କୌଣସି ପ୍ରାଣୀ କିମ୍ବା ମଣିଷର ଚିହ୍ନ ବୋଲି ଜଣାପଡିଛି । ଉକ୍ତ ମୁଦ୍ରାରେ ମାଣ୍ଡାରିନ ଭାଷାରେ ଲେଖା ଯାଇଥିବା ବେଳେ ଚୀନର କୌଣସି ରାଜ୍ରାଙ୍କ ମୂର୍ତି ରହିଥିବା ଅନୁମାନ କରାଯାଉଛି । ପୂର୍ବରୁ ଏହି ରାଧାନଗର ଗ୍ରାମରୁ ଅନେକ ବୌଦ୍ଧ କୀର୍ତିରାଜି ସଂମ୍ପନ୍ନ ସାମଗ୍ରୀ ଉଦ୍ଧାର ହୋଇଥିବା ନଜିର ରହିଛି । ଏବେ ଏହି ଅଂଚଳରୁ ପୁରାତନ ସ୍ୱର୍ଣ୍ଣମୁଦ୍ରା ବାହାରିଥିବାରୁ ଗାଁରେ ଚର୍ଚ୍ଚାର ବିଷୟ ପାଲଟିଛି ।

୧୦ ଦଫା ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜେପିର ସାଂସଦ ଓ ବିଧାୟକ ସହ କାର୍ଯ୍ୟକର୍ତ୍ତାମାନଙ୍କ ଗଣଧାରଣା ଦ୍ୱିତୀୟ ଦିନରେ

ବାରିପଦା,୦୮।୮ (ନି.ପ୍ର): ଅଗଷ୍ଟ ୬ ପୂର୍ବାହ୍ନ ସାଢ଼େ ୧୧ରୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୦ ଦଫା ଦାବି ନେଇ ବିଜେପିର ସାଂସଦ ଓ ବିଧାୟକ ସହ କାର୍ଯ୍ୟକର୍ତାମାନଙ୍କ ଗଣଧାରଣା ଦ୍ୱିତୀୟ ଦିନରେ ପହଁଚିଛି । ଦୁର୍ନୀତି ଗ୍ରସ୍ତ ତଥା ନିଲମ୍ବିତ ପୂର୍ବତନ ବେତନଟୀ ତହସିଲଦାର ଅନିଷା ଦାସଙ୍କୁ ଗିରଫ ଓ କାର୍ଯ୍ୟରୁ ବରଖାସ୍ତ କରାଯିବା ସହ ଜିଲ୍ଲାରେ ସମସ୍ତ ଚୋରା ଖଣି ଓ ବାଲି ଖାଦାନରୁ ଖଣିଜ ସମ୍ପଦର ଚୋରା ଚାଲାଣକୁ କ୍ରାଇବ୍ରାଂଚ ଦ୍ୱାରା ତଦନ୍ତ କରାଯିବା ଏବଂ ଏଥିରେ ସମ୍ପୃକ୍ତ ସରକାରୀ ଅଫିସର ଓ ମାଫିଆମାନଙ୍କୁ ଗିରଫ କରାଯିବା, ଜିଲ୍ଲା ଓ ରାଜ୍ୟ ବାହାରକୁ ବେଧଡ଼କ ଭାବେ ଚାଲିଥିବା ଲଘୁ ଖଣିଜ ସମ୍ପଦର ଚୋରା ଚାଲାଣ ଓ ଲୁଟକୁ ଅବିଳମ୍ବେ ବନ୍ଦ କରାଯିବା, ଖଣି ମାଫିଆ- ତହସିଲଦାର- ଜିଲ୍ଲାପାଳ- ମନ୍ତ୍ରୀ – ନେତାମାନଙ୍କ ମଧ୍ୟରେ ଗଢ଼ି ଉଠିଥିବା ମଧୁଚନ୍ଦ୍ରିକାକୁ ବନ୍ଦ କରାଯିବା ଆଦି ୧୦ ଦଫା ଦାବିକୁ ନେଇ ବିଜେପି ପକ୍ଷରୁ ଧାରଣା ପ୍ରଦାନ କରାଯାଇଛି । ଜିଲ୍ଲା ଖଣି ମାଫିଆ ଓ ଶାସକ ଦଳର ନେତା , ମନ୍ତ୍ରୀ ପ୍ରଶାସନିକ ଅଧିକାରୀଙ୍କ ସହାୟତାରେ ଜିଲ୍ଲାରୁ କୋଟି କୋଟି ଟଙ୍କାର ଖଣିଜ ସମ୍ପଦକୁ ଲୁଣ୍ଠନ କରୁଥିବାର ବିଜେପି ପକ୍ଷରୁ ଅଭିଯୋଗ କରାଯାଇ ଏହି ସମସ୍ତ ମହାଦୁର୍ନୀତିର କ୍ରାଇମବ୍ରାଂଚ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି ବୋଲି ମୟୂରଭଞ୍ଜ ଲୋକସଭା ସାଂସଦ ଇଂ ବିଶ୍ୱେଶର ଟୁଡୁ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ବିଜେପି ପକ୍ଷରୁ ଆଜିର ଏହି ଗଣଧାରଣାରେ ମୟୂରଭଞ୍ଜ ଜିଲ୍ଲା ପୂର୍ବ ସଙ୍ଗଠନର ସଭାପତି ତଥା ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ମୟୂରଭଞ୍ଜ ଲୋକସଭା ସାଂସଦ ଇଂ ବିଶ୍ୱେଶର ଟୁଡୁ, ସାରସକଣା ବିଧାୟକ ବୁଢ଼ାନ ମୁର୍ମୁ, ବଡ଼ସାହି ବିଧାୟକ ସନାତନ ବିଜୁଳି, ରାଇରଙ୍ଗପୁର ବିଧାୟକ ତଥା ମୟୂରଭଞ୍ଜ ପଶ୍ଚିମ ଜିଲ୍ଲା ସଙ୍ଗଠନର ସଭାପତି ନବ ଚରଣ ମାଝି, ଯଶୀପୁର ବିଧାୟକ ଗଣେଶ ରାମସିଂ ଖୁଣ୍ଟିଆ, ରାଜ୍ୟ ଉପସଭାପତି ତଥା ଉଦଳା ବିଧାୟକ ଭାସ୍କର ମଢ଼େଇ, ଜିଲ୍ଲାପରିଷଦ ସଭାପତି ସୁଜାତା ମୁର୍ମୁ, ରାଜ୍ୟ କାର୍ଯ୍ୟକାରିଣୀ ସଞ୍ଜିବ ମହାନ୍ତି, ପ୍ରଦୀପ ମହାନ୍ତି, ନିହାର ମୋଦୀ ପ୍ରମୁଖ ବିଜେପି ଦଳର କାର୍ଯ୍ୟକର୍ତା ଓ ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ ।

ଖରିଫ ଚାଷ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ପ୍ରିମିୟମର ଅବଧିକୁ କେନ୍ଦ୍ରସରକାର ଜୁଲାଇ ୩୧ରୁ ଅଗଷ୍ଟ ୧୭ ତାରିଖ ପର୍ଯ୍ୟନ୍ତ ଘୁଂଚାଇବା ପ୍ରସଙ୍ଗ

ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର କୃଷି ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ରାଜ୍ୟ ବିଜେପି କୃଷକମୋର୍ଚ୍ଚା

ଭୁବନେଶ୍ୱର,୦୮।୮ (ନି.ପ୍ର): କେନ୍ଦ୍ରସରକାର ଚଳିତ ବର୍ଷ ଖରିଫ ଚାଷ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ପ୍ରିମିୟମର ଅବଧି ଜୁଲାଇ ୩୧ ଯାଏଁ ରଖିଥିଲେ । କିନ୍ତୁ ଏବେ କରୋନା ସମୟରେ ଚାଷୀଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି କେନ୍ଦ୍ରସରକାର ଏହି ଅବଧିକୁ ଅଗଷ୍ଟ ୧୭ ତାରିଖ ପର୍ଯ୍ୟନ୍ତ ଘୁଂଚାଇଛନ୍ତି । ଚାଷୀଙ୍କ ହିତ ଦୃଷ୍ଟିରୁ ଏଭଳି ଏକ ନିଷ୍ପତି ନିଆଯାଇଥିବାରୁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ପ୍ରଦୀପ ପୁରୋହିତ ଏବଂ ମୋର୍ଚ୍ଚାର ରାଷ୍ଟ୍ରୀୟ ଉପସଭାପତି ଶ୍ରୀ ମହେଶ୍ୱର ସାହୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର କୃଷି ମନ୍ତ୍ରୀ ଶ୍ରୀ ନରେନ୍ଦ୍ର ସିଂହ ତୋମାର ଏବଂ କେନ୍ଦ୍ର କୃଷି ରାଷ୍ଟ୍ର ମନ୍ତ୍ରୀ ଶ୍ରୀ କୈଳାଶ ଚୌଧୁରୀଙ୍କୁ ଧନ୍ୟବାଦ ଜଣାଇବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି । ଗତ ଜୁଲାଇ ମାସ ୨୨ ତାରିଖ ଦିନ ଓଡିଶାର ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମନ୍ୱୟ ବୈଠକରେ (ଏସ୍ଏଲ୍ସିସି) ପ୍ରସ୍ତାବ ପାରିତ ହେବା ପରେ ୨୩ ତାରିଖ ଦିନ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଶସ୍ୟ ବୀମା ସମ୍ବନ୍ଧିତ ବିଜ୍ଞପ୍ତି ଜାରି କରିଥିଲେ । ମାତ୍ର ରାଜ୍ୟର ପ୍ରାୟ ସମସ୍ତ ଅଂଚଳରେ କୋଭିଡ-୧୯ ଜନିତ କଟକଣା ଏବଂ ଲକ୍‌ଡାଉନ / ସଟ୍‌ଡାଉନ କାରଣରୁ ସମୟ ଅବଧି କମ୍ ପାଇ ପାଖାପାଖି ୬୦ ପ୍ରତିଶତ ରାଜ୍ୟର କୃଷକମାନେ ଶସ୍ୟ ବୀମା ପଞ୍ଜିକରଣରୁ ବଂଚିତ ହୋଇଥିଲେ । ଏହି ସମୟ ସୀମା ବୃଦ୍ଧି କରିବା ପାଇଁ ରାଜ୍ୟସରକାରଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସେ ଚାଷୀଙ୍କ ଦୁଃଖକୁ ହୃଦୟଙ୍ଗମ କରିନଥିଲେ । ଏବେ ମୋଦି ସରକାର ଏହି ବୀମା ତାରିଖ ଘୁଂଚାଇ ଲକ୍ଷ ଲକ୍ଷ ଚାଷୀଙ୍କୁ ଆଉ ଥରେ ନିଜ ପ୍ରିମିୟମ ରାଶି ଦେବା ପାଇଁ ସୁଯୋଗ ଦେଇଛନ୍ତି ବୋଲି ଶ୍ରୀ ପୁରୋହିତ ଓ ଶ୍ରୀ ସାହୁ କହିଛନ୍ତି ।

ଷଷ୍ଠ ଜାତୀୟ ହସ୍ତତନ୍ତ ଦିବସ ପାଳିତ ୪ଟି ହସ୍ତତନ୍ତ କମ୍ପାନୀକୁ ପ୍ରମାଣପତ୍ର ପ୍ରଦାନ

ଭୁବନେଶ୍ୱର,୦୮।୮ (ନି.ପ୍ର): ଆଜି ୭ ଅଗଷ୍ଟ ୨୦୨୦। ସମଗ୍ର ଦେଶରେ ପାଳିତ ହେଉଛି 'ଷଷ୍ଠ ଜାତୀୟ ହସ୍ତତନ୍ତ ଦିବସ'। ପ୍ରତ୍ୟେକ ଭାରତୀୟ ଭିତରେ ଆମର ଐତିହ୍ୟ ସମ୍ପନ୍ନ ଓ ବହୁପୁରାତନ ପାରମ୍ପରିକ ହସ୍ତତନ୍ତ କଳାପ୍ରତି ଆଗ୍ରହ ସୃଷ୍ଟି କରିବା ଏବଂ ଏହି ସଂସ୍କୃତି ଓ କଳାସହିତ ବଂଶାନୁକ୍ରମେ ଜଡିତ ବୁଣାକାର ମାନଙ୍କ ସମ୍ମାନାର୍ଥେ ଏହି ଦିବସକୁ ଆଜି ସମଗ୍ର ଦେଶରେ ପାଳନ କରାଯାଉଛି । ଭାରତ ବର୍ଷରେ ଓଡିଶାର ଋଦ୍ଧିମନ୍ତ ହସ୍ତତନ୍ତ ବସ୍ତ୍ର ବିଶେଷତଃ ବାନ୍ଧବସ୍ତ୍ରର ଏକ ସ୍ୱତନ୍ତ୍ର ସ୍ଥାନ ରହିଅଛି। ସର୍ବୋପରି ଏହି ହସ୍ତତନ୍ତ କ୍ଷେତ୍ର ଲକ୍ଷ ଲକ୍ଷ ଗ୍ରାମୀଣ ବୁଣାକାରଙ୍କୁ ଜୀବିକା ଯୋଗାଇବାରେ ସମର୍ଥ ହୋଇପାରିଛି। ଅଗଷ୍ଟ ୭ ତାରିଖକୁ ହସ୍ତତନ୍ତ ଦିବସ ରୂପେ ପାଳନ କରିବାର ତାତ୍ପର୍ଯ୍ୟ ହେଉଛି ୧୯୦୫ ମସିହାରେ ଏହି ତାରିଖରେ କଲିକତାର ଟାଉନ୍ ହଲରେ ଆୟୋଜିତ ସ୍ୱଦେଶୀ ଆନ୍ଦୋଳନରେ ବିଦେଶୀ ବସ୍ତ୍ର ବର୍ଜନ କରି ସ୍ୱଦେଶୀବସ୍ତ୍ର ପରିଧାନ କରିବାପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ଏଣୁ ଭାରତର କଳା ଓ ସଂସ୍କୃତିକୁ ରଦ୍ଧିମନ୍ତ କରିଥିବା ହସ୍ତତନ୍ତ କଳାକୁ ସର୍ବଜନ ବିଦିତ କରିବା ତଥା ସଂରକ୍ଷିତ କରି ପ୍ରୋତ୍ସାହିତ କରିବାପାଇଁ ଏହି ଦିନଟିକୁ ସର୍ବଭାରତ ସ୍ତରରେ ଜାତୀୟ ହସ୍ତତନ୍ତ ଦିବସ ରୂପେ ପାଳନ କରାଯାଉଅଛି। ଏହାର ମୂଳଲକ୍ଷ୍ୟ ଏହି କ୍ଷେତ୍ରସହ ଜଡିତ ଅଗଣିତ ବୁଣାକାରଙ୍କ ମନରେ ସ୍ୱାଭିମାନ ଜାଗ୍ରତ କରିବା ସଙ୍ଗେସଙ୍ଗେ ସେମାନଙ୍କ ବୃତିକୁ ଓ ସେମାନଙ୍କ ଦ୍ୱାରା ଉତ୍ପାଦିତ ବସ୍ତ୍ରକୁ ସୁଦୂର ପ୍ରସାର କରାଇ ସେମାନଙ୍କୁ ସ୍ୱାବଲମ୍ବୀ କରାଇବା। ଷଷ୍ଠ ଜାତୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ଆଜି ପୂର୍ବାହ୍ନରେ ଜାତୀୟସ୍ତରରେ ଉଦ୍ୟୋଗଭବନ, ନୂଆଦିଲ୍ଲୀ ଠାରେ ବୟନଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ହ୍ୟାଣ୍ଡଲୁମ୍ ମାର୍କ ସ୍କିମ୍ ର ଶୁଭାରମ୍ଭ, ହ୍ୟାଣ୍ଡଲୁମ୍ ପୋର୍ଟାଲ୍ ର ଶୁଭ ଉଦ୍‌ଘାଟନ, ଭର୍‌ଚୁଆଲ୍ ପ୍ରଦର୍ଶନୀ, କ୍ରାଫ୍ଟ ହ୍ୟାଣ୍ଡଲୁମ୍ ଗ୍ରାମର ଉପସ୍ଥାପନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଭର୍ଚୁଆଲ୍ କାର୍ଯ୍ୟକ୍ରମ ଗୁଡିକ ସହିତ ସାରା ଦେଶର ହ୍ୟାଣ୍ଡଲୁମ୍ କ୍ଲଷ୍ଟର୍, ସମସ୍ତ ୨୮ଟି ବୁଣାକାର ସେବା କେନ୍ଦ୍ର (ଡଝଉ), ୬ଟି ଆଇ.ଆଇ.ଏଚ୍.ଟି, ଏନ୍.ଏଚ୍, ଡି.ସି, ଏଚ୍.ଇ.ପି.ସି ଓ ଏନ୍.ଆଇ.ଏଫ୍.ଟି କ୍ୟାମ୍ପସ୍, କୁଲୁସ୍ଥିତ କ୍ରାଫ୍ଟ ହ୍ୟାଣ୍ଡଲୁମ୍ ଗ୍ରାମ, ମୁମ୍ବାଇର ଟେକ୍ସଟାଇଲ୍ କମିଟି, ଚେନ୍ନାଇର ଭରର୍ଚୁଆଲ ପ୍ରଦର୍ଶନୀ ସହିତ ସଂମ୍ପୃକ୍ତ କରାଯାଇଥିଲା। ଅପରାହ୍ନରେ ବୁଣାକାର ସେବା କେନ୍ଦ୍ର, ଭୁବନେଶ୍ୱର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବୁଣାକାର ସେବା କେନ୍ଦ୍ରର ନିର୍ଦ୍ଦେଶକ ମନୋଜ ଜୈନ ସ୍ୱାଗତ ଭାଷଣ ଦେଇ ଏହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୟନଶିଳ୍ପ ନିର୍ଦ୍ଦେଶକ, ଓଡ଼ିଶା, ଜ୍ୟୋତି ପ୍ରକାଶ ଦାସ, (ଓ.ପ୍ର.ସେ), ସରକାରଙ୍କ ପକ୍ଷରୁ ବୁଣାକାରମାନଙ୍କ ନିମନ୍ତେ ନିଆଯାଉଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଭବିଷ୍ୟତରେ ହସ୍ତତନ୍ତ କ୍ଷେତ୍ରରେ 'ଇ ମାର୍କେଟିଙ୍ଗ୍' ର ଉପାଦେୟତା, ସରକାରଙ୍କର ଇ ମାର୍କେଟିଙ୍ଗ୍ ବ୍ୟବସ୍ଥା ଦ୍ୱାରା ବଜାରକରଣର ଉନ୍ନତି, ହସ୍ତତନ୍ତ ବୁଣାକାରମାନଙ୍କର ଉତ୍ପାଦର ଏକ କମ୍ପାନୀ ପ୍ରତିଷ୍ଠା, ହ୍ୟାଣ୍ଡଲୁମ୍ ମାର୍କ, ଭାରତୀୟ ହ୍ୟାଣ୍ଡଲୁମ୍ ବ୍ରାଣ୍ଡ, ବୁଣାକାରମାନଙ୍କୁ ଯୋଗାଇ ଦିଆଯାଉଥିବା ଙ୍କଚାମାଲ, ଆଦି ପ୍ରସଙ୍ଗ ଉପରେ ବକ୍ତାମାନେ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଉତ୍ସବରେ ମେସର୍ସ ଆମାଜନ୍ ର ଶ୍ରୀ ଦୁର୍ଗାମାଧବ ନାହାକ, ମେସର୍ସ ଜିଇଏମ୍ (ଏ.ର.ଗ) ର ସୁଧାଂଶୁ ପ୍ରଧାନ, ବୁଣାକାର ସେବା କେନ୍ଦ୍ର, ଭୁବନେଶ୍ୱରର ଶ୍ରୀ କେ.ବେହେରା, ବୟନଶିଳ୍ପ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଶ୍ରୀ ଦେବଜିତ୍ ନନ୍ଦୀ, ଟେକ୍ସଟାଇଲ୍ କମିଟି ର ଶ୍ରୀ ପ୍ରଦୀପ କୁମାର ଦାଶ, ବୁଣାକାର ସେବା କେନ୍ଦ୍ର ର ଉପନିର୍ଦ୍ଦେଶକ ଶ୍ରୀ ସୁରେନ୍ଦ୍ର କୁମାର ପାତ୍ର, ଏନ୍.ଏଚ୍.ଡି.ସିର ଆଂଚଳିକ ମ୍ୟାନେଜର ଶ୍ରୀ ଏ.କେ.ଶାହା, ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୪ଟି ତାଲିକାଭୁକ୍ତ ଉତ୍ପାଦ କମ୍ପାନୀକୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେଗୁଡିକ ହେଲା ମେସର୍ସ ତରାବୋଇ ହ୍ୟାଣ୍ଡଲୁମ୍ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍, ମେସର୍ସ ଶୁଭଶ୍ରୀ ହ୍ୟାଣ୍ଡଲୁମ୍ ପ୍ରଡ୍ୟୁସର୍ କମ୍ପାନୀ ଲିମିଟେଡ୍, ମେସର୍ସ ନୂଆପାଟଣା 'ଇକଡ୍' ହ୍ୟାଣ୍ଡଲୁମ୍ କମ୍ପାନୀ ଲିମିଟେଡ୍, ମେସର୍ସ ଝିଲିମିଣ୍ଡା ଟ୍ରାଡିସନାଲ୍ ହ୍ୟାଣ୍ଡଲୁମ୍ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍। ଉତ୍ସବର ଶେଷରେ ବୁଣାକାର ସେବା କେନ୍ଦ୍ର, ଭୁବନେଶ୍ୱରର ଟେକ୍ସଟାଇଲ୍ ଡିଜାଇନର୍ ଶ୍ରୀମତୀ ବିଉଟି ମିଲି ଧନ୍ୟବାଦ ଅର୍ପଣ କରିଥିଲେ।

ଫସଲବୀମା ତ୍ରୁଟିର ସୁଧାର ଦାବି

ଭଦ୍ରକ,୮/ ୮(ହି.ସ.) - ପ୍ରଧାନମନ୍ତ୍ରୀ ଫସଲ ବୀମାରେ ଥିବା ତ୍ରୁଟିର ସୁଧାର ନଆସିବା ପର୍ଯ୍ୟନ୍ତ ବୀମାରାଶି ପୈଠ ସ୍ଥଗିତ ରଖିବାକୁ ଭଦ୍ରକ ବ୍ଲକ୍ ଅଧୀନସ୍ଥ ୧୪ ଟି ପ୍ରାଥମିକ ସେବା ସମବାୟ ସମିତି ସଂପାଦକମାନେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ସ୍ଥାନୀୟ ଶାଖା ପରିଚାଳକଙ୍କୁ ପତ୍ର ଲେଖିଛନ୍ତି। ଚଳିତବର୍ଷ ପ୍ରଧାନମନ୍ତ୍ରୀ ଫସଲ ବୀମାରେ ବହୁ ତ୍ରୁଟି ପରିଲକ୍ଷିତ ହୋ

ପୂର୍ବୋତ୍ତରରେ ୮ଟି ରାଜ୍ୟରେ ୭୦ ହଜାର ଟପିଲା କରୋନା ପଜିଟିଭ

ଗତ ୨୪ ଘଂଟାରେ ୩୨୯୬ ନୂଆ କରୋନା ରୋଗୀ ଚିହ୍ନଟ

ଗୌହାଟୀ, ୦୮ ଅଗଷ୍ଟ (ହି.ସ.) –ପୂର୍ବୋତରରେ ସିକିମ ସହିତ ଆଠଟି ରାଜ୍ୟରେ କରୋନା ସଂକ୍ରମତଙ୍କ ସଂଖ୍ୟା ଲଗାତାର ବୃଦ୍ଧି ପାଇବାରେ ଲାଗିଛି । ସୁସ୍ଥ ହେଉଥିବା ରୋଗୀଙ୍କ ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟିଛି । ଦ୍ରୁତ ଗତିରେ ନୂଆ କରୋନା ରୋଗୀ ମିଳୁଥିବା ଚିନ୍ତାର କାରଣ ହୋଇଛି । ପୂର୍ବୋତରରେ ସବୁଠାରୁ ଅଧିକ ମାମଲା ଆସାମରୁ ଆସିଅଛି, ତ୍ରିପୁରା ଦ୍ୱିତୀୟ ସ୍ଥାନରେ ଥିବା ବେଳେ ମଣିପୁର ତୃତୀୟ ସ୍ଥାନରେ ରହିଛି । ପୂର୍ବୋତରରେ ଗତ ୨୪ ଘଂଟା ମଧ୍ୟରେ ୩୨୯୬ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ସେହିପରି ମୋଟ ସଂକ୍ରମିତଙ୍କ ସଂଖ୍ୟା ୭୧,୯୫୬ ରେ ପହଂଚିଛି । ଏଥିମଧ୍ୟରୁ ୪୭,୮୫୧ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ମୋଟ ୧୮୭୮ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି ଏବଂ ୨୩,୮୮୭ ରୋଗୀଙ୍କ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଜାରି ରହିଛି । ୧୯୪ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୪ ଜଣ ରୋଗୀ ପୂର୍ବୋତର ବାହାରକୁ ଚାଲିଯାଇଛନ୍ତି । ଆସାମରେ ୨୬୭୯ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ରାଜ୍ୟର ମୋଟ କରୋନା ରୋଗୀଙ୍କ ସଂଖ୍ୟା ୫୫,୪୯୭ ହୋଇଛି । ଏଥିରୁ ୩୮,୮୧୦ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୧୫୮୫ ରୋଗୀ ସୁସ୍ଥ ହୋଇଛନ୍ତି । ୧୬,୫୫୨ ରୋଗୀଙ୍କ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ୧୩୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ରୋଗୀ ରାଜ୍ୟ ବାହାରକୁ ଚାଲିଯାଇଛନ୍ତି । ତ୍ରିପୁରାରେ ୧୨୮ ଜଣ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ମୋଟ ରୋଗୀଙ୍କ ସଂଖ୍ୟା ୫୮୬୮ ରେ ପହଂଚିଛି । ଗତ ୨୪ ଘଂଟାରେ ୬୭ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ସମୁଦାୟ ୩୮୬୦ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ୧୯୫୪ ରୋଗୀଙ୍କ ଚିକିତ୍ସା ଜାରି ରହିଛି । ଏବେ ସୁଦ୍ଧା ୩୬ ଜଣଙ୍କର ମୃତ୍ୟୁ ଘଟିଛି । ମଣିପୁରରେ ୨୪୯ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ଏଥି ସହିତ ରାଜ୍ୟର ମୋଟ ରୋଗୀଙ୍କ ସଂଖ୍ୟା ୩୪୬୬ ରେ ପହଂଚିଛି । ୧୯୨୬ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୨୧ କରୋନା ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୧୫୩୦ ଜଣଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ଏବେ ସୁଦ୍ଧା ୧୦ ଜଣ ରୋଗୀ ମୃତ୍ୟୁବରଣ କରିଛନ୍ତି । ନାଗାଲାଣ୍ଡରେ ୭୭ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ମୋଟ ରୋଗୀଙ୍କ ସଂଖ୍ୟା ୨୬୫୭ ହୋଇଛି । ରାଜ୍ୟରେ ୮୨୪ ଜଣ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୫ ଜଣ ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୧୮୨୪ ଜଣ ରୋଗୀ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ହେଉଛନ୍ତି । ୭ ଜଣ ରୋଗୀଙ୍କର ମୃତ୍ୟୁ ହୋଇଛି । ଅରୁଣାଚଳ ପ୍ରଦେଶରେ ୧୦୧ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ମୋଟ ରୋଗୀଙ୍କ ସଂଖ୍ୟା ୨୦୪୯ ହୋଇଛି । ୧୩୨୬ ଜଣ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୮୧ ଜଣ ରୋଗୀ ସୁସ୍ଥ ହୋଇଛନ୍ତି ଏବଂ ୭୨୦ ଜଣ ରୋଗୀଙ୍କ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଜାରି ରହିଛି । ଏବେ ସୁଦ୍ଧା ୩ ଜଣଙ୍କର ମୃତ୍ୟୁ ହୋଇଛି । ମେଘାଳୟରେ ୧୬ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟର ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୦୬ ରେ ପହଂଚିଛି । ୪୧୧ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୬୬ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ୫୯୦ ଜଣଙ୍କର ଏବେ ସୁଦ୍ଧା ଚିକିତ୍ସା ଚାଲିଛି ଏବଂ ୫ ଜଣଙ୍କର ମୃତ୍ୟୁ ଘଟିଛି । ମିଜୋରମରେ ୨୧ ନୂଆ ମାମଲା ସାମନାକୁ ଆସିଛି । ରାଜ୍ୟର କରୋନା ସଂକ୍ରମିତଙ୍କ ସଂଖ୍ୟା ୫୫୯ ରେ ପହଂଚିଛି । ୨୮୮ ଜଣ ସୁସ୍ଥ ହୋଇଛନ୍ତି । ୨୭୦ ଜଣ ରୋଗୀଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ଜଣେ ରୋଗୀ ରାଜ୍ୟ ବାହାରକୁ ଚାଲି ଯାଇଛି । ସିକ୍କିମରେ ୨୫ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୮୫୪ ରେ ପହଂଚିଛି । ୪୦୬ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଗତ ୨୪ ଘଂଟାରେ ୫୩ ଜଣ ରୋଗୀ ସୁସ୍ଥ ହୋଇଛନ୍ତି । ଏବେ ସୁଦ୍ଧା ୪୪୭ ଜଣଙ୍କର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ଚାଲିଛି । ଜଣକର ମୃତ୍ୟୁ ହୋଇଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ରାଜ୍ୟରେ ଆଉ...

ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେହିପରି ଭାବେ ବାଲେଶ୍ୱର ଜିଲ୍ଲାର ଜଣେ ୫୭ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ରୋଗରେ ପୀଡିତ ଥିଲେ । କନ୍ଧମାଳ ଜିଲ୍ଲାର ଜଣେ ୫୫ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ । କନ୍ଧମାଳ ଜିଲ୍ଲାର ଅନ୍ୟ ଜଣେ ୬୦ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧ୍ୟ ମଧୁମେହରେ ପୀଡିତ ଥିଲେ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କେନ୍ଦୁଝର ଜିଲ୍ଲାର ଜଣେ ୭୯ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ଗଜପତି ଜିଲ୍ଲାର ଅନ୍ୟ ଜଣେ ୫୯ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ଜଣେ ୬୧ ବର୍ଷୀୟା ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଅନ୍ୟ ରୋଗରେ ପୀଡିତ ଥିଲେ । କେନ୍ଦୁଝର ଜିଲ୍ଲାର ଜଣେ ୬୦ ବର୍ଷ ବୟସ୍କ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ବରଣ କରିଛନ୍ତି । ସେ ମଧୁମେହ, ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୬୦ ବର୍ଷ ବୟସ୍କ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ଗଂଜାମ ଜିଲ୍ଲାର ଜଣେ ୪୮ ବର୍ଷ ବୟସ୍କ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ରୋଗରେ ପୀଡିତ ଥିଲେ ।

୨୯ ଦିନ ପରେ...

ମୋର ଏବଂ ମୋ ପରିବାରର ଏପରି ଭଲ ଯତ୍ନ ନେଇଥିବାରୁ ମୁଁ ନାନାବତୀ ଡାକ୍ତରଖାନାର ଡାକ୍ତର ଏବଂ ନର୍ସମାନଙ୍କୁ ଗଭୀର କୃତଜ୍ଞତା ଜଣାଉଛି । ଗତ ଜୁଲାଇ ୧୧ ରେ ଅଭିଷେକ ବଚ୍ଚନ ଏବଂ ଅମିତାଭ ବଚ୍ଚନ ସାମାନ୍ୟ ଜ୍ୱର ଏବଂ ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ ଅନୁଭବ କରିବାରୁ ଉଭୟଙ୍କର କରୋନା ପରୀକ୍ଷା କରାଯାଇଥିଲା ଏବଂ ସେମାନେ କରୋନା ପଜିଟିଭ୍ ଜଣାପଡିଥିଲା । ସେହିଦିନ ରାତିରେ ଉଭୟଙ୍କୁ ନାନାବତୀ ଡାକ୍ତରଖାନାରେ ଭର୍ତି କରାଯାଇଥିଲା । ଏହାପରେ ପରେ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଏବଂ ଆରାଧ୍ୟା ବଚ୍ଚନଙ୍କର କରୋନା ଲକ୍ଷଣ ଦେଖାଯିବା ପରେ ଡାକ୍ତରଖାନାରେ ଭର୍ତି କରାଯାଇଥିଲା । ଚିକିତ୍ସାର ଅଳ୍ପ ଦିନ ପରେ ଐଶ୍ୱର୍ଯ୍ୟା ଏବଂ ଆରାଧ୍ୟା ଶୀଘ୍ର ସୁସ୍ଥ ହୋଇ ଘରକୁ ଫେରିଥିଲେ । ଗତ ସପ୍ତାହରେ ଅମିତାଭ ବଚ୍ଚନଙ୍କ କରୋନା ପରୀକ୍ଷା ନକାରାତ୍ମକ ହେବା ପରେ ସେ ମଧ୍ୟ ଘରକୁ ଯାଇଥିଲେ ।

ଏକାମ୍ରରେ ସେବାୟତଙ୍କୁ ତୁରନ୍ତ ସହାୟତା ମିଳୁ

ଭୁବନେଶ୍ୱର,୮।୮ (ନି.ପ୍ର): କରୋନା ପ୍ରଭାବରେ ରାଜ୍ୟରେ ଦେବାଦେବୀ ମନ୍ଦିର ବନ୍ଦ ରହିଥିବା ବେଳେ ଏକାମ୍ର କ୍ଷେତ୍ରରେ ମନ୍ଦିର ଗୁଡ଼ିକ ମଧ୍ୟ ସେଥିରୁ ବାଦ୍ ପଡ଼ି ନାହିଁ । ପୁରୀରେ ସେବାୟତଙ୍କୁ ସହାୟତା ପ୍ରଦାନ ପରି ଏକାମ୍ରରେ ସବୁ ସେବାୟତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଏକାମ୍ର ମୁରବୀ ମଂଚ ପକ୍ଷରୁ ପ୍ରଧାନ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ କରାଯାଇ ଦାବି କରାଯାଇଛି । କରୋନା ଯୋଗୁଁ ଆର୍ଥିକ ସ୍ଥିତି ବିଗିଡ଼ି ଯାଇଛି । ଏହାର ପ୍ରଭାବ ବିଭିନ୍ନ ସେବାୟତଙ୍କ ଉପରେ ପଡ଼ିଛି । ଗତ ମାର୍ଚ୍ଚ ୨୦ ତାରିଖରୁ ଶ୍ରୀଲିଙ୍ଗରାଜ ମନ୍ଦିରକୁ ପର୍ଯ୍ୟଟକ ଆସିବା ବନ୍ଦ କରାଯାଇଛି । ଏହା ଫଳରେ ସେବାୟତ ଓ ଧୂଳିଆ ସେବାୟତଙ୍କ ରୋଜଗାର ବନ୍ଦ ହୋଇଯାଇଛି । ଏବେ ସେମାନେ କେବଳ ମନ୍ଦିର ଖୋଲିବାକୁ ଅପେକ୍ଷା କରି ବସିଛନ୍ତି । ଏକାମ୍ର କ୍ଷେତ୍ରର ଶ୍ରୀଲିଙ୍ଗରାଜ ମନ୍ଦିର ସମେତ ବିଭିନ୍ନ ମନ୍ଦିରର ସେବାୟତଙ୍କୁ ଆର୍ଥିକ ସହାୟତା ପାଇଁ ମଂଚ ପକ୍ଷରୁ ଲିଙ୍ଗରାଜ ସାହୁ ସରକାରଙ୍କୁ ସେବାୟତଙ୍କୁ ସହାୟତା ପାଇଁ ଅନୁରୋଧ କରିଛନ୍ତି ।

ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଗୁରୁଦକ୍ଷିଣା କାର୍ଯ୍ୟକ୍ରମ

ଜଳେଶ୍ୱର, ୮/୮ (ନି.ପ୍ର) : ଜଳେଶ୍ୱର ମ୍ୟୁନିସିପାଲଟିର ପଥରପୁରା ସ୍ୱୟଂ ସେବକ ସଂଘ କାର୍ଯ୍ୟାଳୟଠାରେ ଗୁରୁଦକ୍ଷିଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ମୁଖ୍ୟ ପ୍ରଶିକ୍ଷକ ନରହରୀ ଗୁରୁଜିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ପ୍ରଭାତ ପଣ୍ଡା ଯୋଗ ଦେଇ ରାଷ୍ଟ୍ରିୟ ସ୍ୱାୟଂ ସେବକ ସଂଘର ଆଭିମୁଖ୍ୟ ଏବଂ ପ୍ରଶିକ୍ଷଣ କାହିଁକି ସଂପର୍କରେ ସୂଚନା ଦେଇଥିଲେ । ସଭା ପ୍ରାରମ୍ଭରେ ମଂଚରେ ଥିବା ଭାରତମାତା, କେଶବ ବଳିରାମ ହେଡଗେୱାର ଓ ମାଧମ ସଦାଶିବ ବଲ୍ୱାଲକରଙ୍କ ଫଟୋଚିତ୍ରରେ ପୁଷ୍ପର୍ଘ ଅର୍ପଣ କରାଯାଇଥିଲା । ଏଥିରେ ରଂଜିତ ସାହୁ, ଅଜିତ୍ ପଣ୍ଡା, ସୁଜୟ ଦେ, ସତ୍ୟବ୍ରତ ପଣ୍ଡା, ଜଗନ୍ନାଥ ପରିଡା, ସୁଶିଲ ଘୋଷ, ମାନସ କୁମାର ଭୂୟାଁ, ଗୋପିନାଥ ସିଂ, ସମରେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।

କୋରାପୁଟ ଆଦିବାସୀ ନାବାଳିକା ଗଣଦୁଷ୍କର୍ମ ଘଟଣାରେ ପୋଲିସର ନିଷ୍କ୍ରିୟତା ବିରୁଦ୍ଧରେ ଡିଜିପିଙ୍କୁ ଭେଟିଲା ମହିଳା ମୋର୍ଚ୍ଚା

ଭୁବନେଶ୍ୱର,୮।୮ (ନି.ପ୍ର): ଜୁଲାଇ୨୦ ତାରିଖରେ କିଛି ଦୃର୍ବୃତ କୋରାପୁଟ ଜିଲ୍ଲା କୋଟପାଡ ବ୍ଲକ ଚିତ୍ରା ପଂଚାୟତ ବାଗବୁଆଁ ଗାଁର ଜଣେ ଆଦିବାସୀ ନାବାଳିକା ସହ ଗଣଦୁଷ୍କର୍ମ କରି ହତ୍ୟା କରି ପରେ ତାଙ୍କୁ ଏକ ତେନ୍ତୁଳି ଗଛରେ ଓହଲାଇ ଦେଇଥିଲେ । ଏହି ଘଟଣାରେ ଶାସକ ଦଳ ଓ ପୋଲିସର ଚାପରେ ଡାକ୍ତର ଶବ ବ୍ୟବଚ୍ଛେଦ ରିପୋର୍ଟରେ ଏହି ଘଟଣାକୁ ଆତ୍ମହତ୍ୟା ଦର୍ଶାଇଲେ । ଶାସକ ଦଳ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟିକା ପଦ୍ମିନୀ ଦିଆନଙ୍କ ଇଙ୍ଗିତରେ ପୋଲିସ ଅପରାଧୀଙ୍କୁ ଗିରଫ କରିବା ପରିବର୍ତେ ସେମାନଙ୍କୁ ଘଂଟ ଘୋଡାଇ ଚାଲିଛି । ଏହାକୁ ଦୃଢ ପ୍ରତିବାଦ କରିବା ସହ ପୋଲିସର ନିଷ୍କ୍ରିୟତା ଓ ପୀଡିତାକୁ ନ୍ୟାୟ ଦେବା ପାଇଁ ବିଜେପି ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକ ଏବଂ ରାଜ୍ୟ ଉପସଭାପତି ତଥା ପୂର୍ବତନ ସାଂସଦ ବଳଭଦ୍ର ମାଝୀଙ୍କ ନେତୃତ୍ୱରେ ଏକ ପ୍ରତିନିଧୀ ଦଳ ପୋଲିସ ମହାନିର୍ଦ୍ଦେଶକଙ୍କ ହସ୍ତକ୍ଷେପ ଲୋଡିଛି । ଶ୍ରୀମତୀ ପଟ୍ଟନାୟକ କହିଛନ୍ତି ଯେ, ଏଭଳି ଅଭାବନୀୟ ଘଟଣାକୁ ୧୯ ଦିନ ବିତିଥିଲେ ବି ପୋଲିସ ଅପରାଧୀଙ୍କୁ ଗିରଫ କରିନାହିଁ । ଆଦିବାସୀ ନାବାଳିକା ସହ ପ୍ରଥମେ ଗଣଦୁଷ୍କର୍ମ ଏବଂ ପରେ ତାଙ୍କୁ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦିଆଯାଇଛି । ଘଟଣାର ପାରିପାଶ୍ୱିକ ପରିସ୍ଥିତିରୁ ସ୍ପଷ୍ଟ ଜଣାପଡୁଥିଲା କି, ଏହି ଘଟଣାରେ ୫/୬ ଜଣଙ୍କର ସଂପୃକ୍ତି ରହିଛି । ଏହି ଘଟଣାକୁ ଅତି ଗୁରୁତର ଭାବେ ନେଇ ତଦନ୍ତ କରିବା ପାଇଁ କୋରାପୁଟ ଜିଲ୍ଲା ବିଜେପି ପକ୍ଷରୁ ବାରମ୍ବାର ଦାବୀ କରାଯାଇଥିଲେ ମଧ୍ୟ ସ୍ଥାନୀୟ ବିଧାୟିକାଙ୍କ ଚାପରେ ପୋଲିସ ଚୁପ୍ ରହିଛି । କେବଳ ଲୋକଦେଖାଣିଆ ପାଇଁ ଗୋଟିଏ ଯୁବକକୁ ଉଠାଇ ତା ନାଁରେ ୩୦୬ ଦଫା (ଆତ୍ମହତ୍ୟା କରିବା ପାଇଁ ପ୍ରବର୍ତାଇବା) ଲଗାଇ ଗିରଫ କରି ଚୁପ୍ ବସିଛି ।କୋଟପାଡର ବିଧାୟିକା ତଥା ହସ୍ତତନ୍ତ୍ର ବିଭାଗର ମନ୍ତ୍ରୀ ପଦ୍ମିନୀ ଦିଆନ ଜଣେ ମହିଳା ହୋଇ ମଧ୍ୟ ନିଜ ଅଂଚଳରେ ଘଟିଥିବା ଏପରି ଏକ ଅମାନବୀୟ ଘଟଣାରେ ନା ମୁହଁ ଖୋଲିଲେ ନା ମୃତା ପରିବାର ଲୋକଙ୍କୁ ସମବେଦନା ଦେବାକୁ ପହଂଚିଥିଲେ । ତାଙ୍କ ସ୍ୱାମୀ ପୋଲିସ ବିଭାଗର କର୍ମଚାରୀ ହୋଇଥିବାରୁ ଅପରାଧୀମାନଙ୍କୁ ଗିରଫ କରାଯାଉ ନାହିଁ । ଅପରାଧୀମାନେ ମନ୍ତ୍ରୀଙ୍କ ସଂପର୍କରେ ଅଛନ୍ତି । ଶାସକ ଦଳ ଲିଙ୍କ ଏବଂ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟିକାଙ୍କ ସ୍ୱାମୀ ପୋଲିସରେ ଥିବାରୁ ଅପରାଧୀମାନେ ଖୁଲ୍ଲମଖୁଲା ଅପରାଧ କରୁଛନ୍ତି । କୋରାପୁଟ ନବାଳିକା ଦୁଷ୍କର୍ମ ଏବଂ ହତ୍ୟା ଘଟଣାରେ ବିନା କୈଣସି ଚାପରେ ପୋଲିସ ନିରପେକ୍ଷ ଭାବେ ତଦନ୍ତ କରି ସଠିକ୍ ଓ ନିର୍ଭୁଲ ଶବବ୍ୟବଚ୍ଛେଦ ରିପୋର୍ଟକୁ ସାର୍ବଜନୀନନ କରି ଏ ଘଟଣାରେ ସଂପୃକ୍ତ ଥିବା ସମସ୍ତ ଅପରାଧୀଙ୍କୁ ଏସସି ଏସଟି ଏଟ୍ରୋସିଟି ଏବଂ ପୋକସୋ ଆକ୍ଟ ଲଗାଇ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ପୀଡିତା ପରିବାରକୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦିଆଯାଉ ବୋଲି ପ୍ରତିନିଧୀ ଦଳ ଡିଜିଙ୍କ ଆଗରେ ଦାବୀ ରଖିଛି । ସମସ୍ତ ଅଭିଯୋଗ ଶୁଣିବା ପରେ ଡିଜି ଏ ଦିଗରେ ସଠିକ୍ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି । ଆଗାମୀ ଦିନରେ ପୀଡିତାକୁ ନ୍ୟାୟ ନମିଳିଲେ ମହିଳାମୋର୍ଚ୍ଚା ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀମତୀ ପଟ୍ଟନାୟକ ଚେତାବନୀ ଦେଇଛନ୍ତି ।

ଜଳେଶ୍ୱରରେ କରୋନା ପଜେଟିଭ୍ ସଂଖ୍ୟା ୧୨୮ ଡେଇଁଲା : ଅଧିକ ସ୍ୱାବ ପରୀକ୍ଷା ଦାବି

ଜଳେଶ୍ୱର,୮।୮ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଓ ମ୍ୟୁନିସିପାଲଟି ଅଂଚଳରେ ଲଗାତର ସ୍ୱାବ ପରୀକ୍ଷା ହେଉନଥିଲେ ମଧ୍ୟ ଅଦ୍ୟାବଧି ୧୨୮ଜଣ କରୋନା ପଜେଟିଭ୍ ବାହାରିବାପରେ ସେମାନଙ୍କ ଚିକିତ୍ସା ବ୍ୟବସ୍ଥା ହୋଇଛି । ବ୍ଲକ ଅଂଚଳରେ ୭୪ଜଣ ଓ ପୌର ପାଳିକାରେ ୫୪ଜଣଙ୍କ ସ୍ୱାବ ଟେଷ୍ଟରେ କରୋନା ପଜେଟିଭ୍ ଥିବା ଜଣା ଯାଇଛି । ଏହା ବ୍ୟତିତ ଜଳେଶ୍ୱର ଅଂଚଳର ଏକ କଲେଜର ୨ଜଣ ଅଧ୍ୟାପକ ବାଲେଶ୍ୱରରେ ରହୁଥିଲେ ମଧ୍ୟ ସେମାନଙ୍କ ପଜେଟିଭ୍ ସଂପର୍କରେ କୁହାଯାଇଛି । ଏପରିକି ମସ୍କଟ ଓ କୋଲକତାରେ ରହୁଥିବା ଜଳେଶ୍ୱରର ୨ ଯୁବକଙ୍କ କରୋନା ଆକ୍ରାନ୍ତରେ ମୃତ୍ୟ ଘଟିଥିବା ଜଣାଯାଇଛି । ଜଳେଶ୍ୱର ବ୍ଲକଟି ପଶ୍ଚିମବଂଗର ପଶ୍ଚିମ ମେଦିନୀପୁର ଜିଲ୍ଲାକୁ ଲାଗି ଥିବାରୁ ଏବଂ ଅମାନିଅ ମାନଙ୍କ ଯାତାୟାତରେ ଲଗାମ୍ ନ ଥିବାରୁ ଅଧିକ କରୋନା ସଂକ୍ରମିତ ହେବାର ସମ୍ଭାବନା ରହିଛି । ତେଣୁ ଏହି ଅଂଚଳରେ ଅଧିକ ସ୍ୱାବ ପରୀକ୍ଷା ଜରୁରୀ ବୋଲି ଜଳେଶ୍ୱର ଅଂଚଳର କେତେକ ଛାମୁଆ ସଂଗଠନ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

ପଶ୍ଚିମବାର୍ଡ ଗାଁରୁ ଓ ସରକାରୀ ସ୍ଥାନରୁ ଚୋରାମଦ ହେଉ ଉଚ୍ଛେଦ : କର୍ତ୍ତୃପକ୍ଷଙ୍କୁ ଲେଖିଲେ ସରପଂଚ

ଜଳେଶ୍ୱର,୮।୮ (ନି.ପ୍ର): ଜଳେଶ୍ୱର ଅବକାରୀ ଥାନା ଅଂଚଳର ବିଭିନ୍ନ ସ୍ଥାନରେ ଚୋରାମଦ କାରବାର ହେଉଥିବା ବେଳେ ଜାଣ ସରପଂଚ ତାଙ୍କ ଅଂଚଳରୁ ଏପରି ଘଟଣାକୁ ବିରୋଧ କରି ତହସିଲଦାର, ପୁଲିସ୍ ଓ ଅବକାରୀ ବିଭାଗକୁ ଅନୁରୋଧ କରିଛନ୍ତି । ଘଟଣାରୁ ପ୍ରକାଶ, ଜଳେଶ୍ୱର ବ୍ଲକର ପଶ୍ଚିମବାର୍ଡ ଠାରେ ଏକ ବିଦେଶୀ ଠିପି ବନ୍ଦ ମଦ ଦୋକାନ ରହିଛି । ଏହି ଦୋକାନଟି ନିର୍ଦ୍ଦିଷ୍ଟ ସମୟରେ ବନ୍ଦ ହେଉଥିଲେ ମଧ୍ୟ ସଂଧ୍ୟା ୬ଟାପରେ ଦେବକୁମାର ଗ୍ରାମନିକଟ ଯୋଡ ଛକ ଠାରେ ଚୋରାରେ ମଦ ବିକୟ ହୋଇଥାଏ । ସେଠାରେ ୨ଜଣ ବ୍ୟକ୍ତି ସରକାରୀ ସ୍ଥାନ ତଥା ମୁଖ୍ୟରାସ୍ତାକଡରେ ୨ଟି କେବିନ୍ ପକାଇଛନ୍ତି । ଏହି କେବିନ୍‌ରୁ ମଦବିକ୍ରି ହେଉଥିବା ସଂପର୍କରେ ପଶ୍ଚିମବାର୍ଡର ସରପଂଚ ରାଣୀ ପ୍ରମାଣିକ ଜଳେଶ୍ୱର ତହସିଲଦାର, ଜଳେଶ୍ୱର ପୁଲିସ୍ ଆଇଆଇସି ଓ ଅବକାରୀ ଓଆଇସିଙ୍କୁ ସବିଶେଷ ତଥ୍ୟ ଦେଇଛନ୍ତି । ନିକଟରେ ଆର୍‌ଆଇ ଅଫିସ୍ ଥିଲେ ମଧ୍ୟ ସେଠାରେ ଅଭିଯୋଗ କରାଯାଇଛି , କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।

ଭୁବନେଶ୍ୱରରେ କରୋନା ଆରୋଗ୍ୟ ହାର ୬୩.୧୬ % , ବଢିଛି ଟେଷ୍ଟିଂ : ବିଏମସି କମିଶନର

ଭୁବନେଶ୍ୱର, ୦୮ ଅଗଷ୍ଟ – ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରେ କୋଭିଡ୍ ପରୀକ୍

ରବିବାର,୦୯ ଅଗଷ୍ଟ ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

କେନ୍ଦ୍ର ଶ୍ରମ ସଚିବଙ୍କ ଉଦ୍ଦେଶ୍ୟରେ ଅଙ୍ଗନୱାଡ଼ି କର୍ମୀଙ୍କ ସ୍ମାରକପତ୍ର

ବାଲେଶ୍ୱର,୮।୮ (ନି.ପ୍ର): ସ୍କିମ୍ ୱାର୍କର୍ସଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଉଦାସୀନତାକୁ ନେଇ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନଙ୍କ ଆହ୍ୱାନ କ୍ରମେ ଚଳିତ ମାସ ୭ ଓ ୮ ତାରିଖରେ ଦେଶବ୍ୟାପୀ ସ୍କିମ୍ ୱାର୍କର୍ସ ଧର୍ମଘଟ ଚାଲିଛି। ୯ ତାରିଖରେ କ୍ରାନ୍ତି ଦିବସ ପାଳନ କରାଯାଉଥିବା ବେଳେ ବାଲେଶ୍ୱରରେ ଆଶା, ଅଙ୍ଗନୱାଡ଼ି କର୍ମୀ ଓ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତକାରୀ ସ୍କିମ ୱାର୍କର୍ସମାନେ ଏହି ଧର୍ମଘଟରେ ସାମିଲ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ୧୭ ଦଫା ଦାବି ନେଇ ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘ କେନ୍ଦ୍ର ସରକାରଙ୍କ ଶ୍ରମ ବିଭାଗ ସଚିବଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ସଂଘର ଜିଲ୍ଲା ସଭାପତି ପ୍ରତିଭା ପାଲ ଓ ସମ୍ପାଦିକା ଲକ୍ଷ୍ମୀପ୍ରିୟା ଦାସଙ୍କ ନେତୃତ୍ୱରେ ସଦର କମିଟି ସଭାପତି ନୀଳିମା ଜେନା, ପୌରାଞ୍ଚଳ କମିଟି ସଭାପତି ନିର୍ବାସିନୀ ପ୍ରଧାନ, ସାମ୍ପା ବଳ, ନିୟତି ସାହୁ, ପ୍ରଭାସିନୀ ପଣ୍ଡା, ରଶ୍ମିତା ନାଥ, ଶାନ୍ତିଲତା ମଝୀ, ପୁଷ୍ପଲତା ସେଠୀ, ନମିତା ବେରା, ମନୋରମା ପରିଡ଼ାଙ୍କୁ ନେଇ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଅଙ୍ଗନୱାଡ଼ି କର୍ମୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା, ସର୍ବନିମ୍ନ ମାସିକ ପେନସନ ୧୦ ହଜାର ଟଙ୍କା ପ୍ରଦାନ କରିବା, କେନ୍ଦ୍ରୀ ସ୍କିମ୍‌ଗୁଡ଼ିକ ସ୍ଥାୟୀ ଓ ସାର୍ବଜନୀନ କରିବା, କୋଭିଡ୍ ସମୟରେ ପାଚିକାମାନଙ୍କୁ ଭତ୍ତା ପ୍ରଦାନ କରିବା, ସ୍କିମ୍ ୱାର୍କର୍ସଙ୍କ ସମେତ ସବୁ ବର୍ଗର ଶ୍ରମିକଙ୍କୁ ମାସିକ ସାଢ଼େ ୭ ହଜାର ଟଙ୍କା ହାରରେ ଭତ୍ତା ପ୍ରଦାନ କରିବା ଆଦି ୧୭ ଦଫା ଦାବି ସମ୍ପର୍କରେ ସେମାନେ ସୂଚନା ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସେମାନେ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଓ ସଦର ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏନେଇ ତୁରନ୍ତ ଉଚିତ ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ଦିନରେ ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘ ତୀବ୍ର ଆନ୍ଦୋଳନକୁ ଓହ୍ଲାଇବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି।

ନିଖିଲଙ୍କୁ ରାଜ୍ୟପାଳଙ୍କ ଶୁଭେଚ୍ଛା

ଭୁବନେଶ୍ୱର,୮।୮ (ନି.ପ୍ର): ଇସ୍ରୋର ପ୍ରଥମ ମାନବ ମହାକାଶ ମିଶନ ଗଗନଯାନରେ ଓଡିଶା ଜନ୍ମିତ ଆଇଏଏଫ୍ ୱିଙ୍ଗ କମାଣ୍ଡର ନିଖିଲ ରଥ ସାମିଲ ହେବାକୁ ବୃଡାନ୍ତ ହୋଇଛନ୍ତି। ଏଥିପାଇଁ ଓଡିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଟୁଇଟ୍ କରି ଖୁସି ବ୍ୟକ୍ତ କରିଛନ୍ତି। ରୁଷରେ ଆଗାମୀ ଏକ ବର୍ଷ ପ୍ରଶିକ୍ଷଣ ଲାଗି ରାଜ୍ୟପାଳ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ।

ବାଲେଶ୍ୱରରେ ଦିନକରେ ୭୩ ପଜିଟିଭ୍ ଚିହ୍ନଟ

ଜିଲ୍ଲାର୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୧୮

ବାଲେଶ୍ୱର,୮।୮ (ନି.ପ୍ର): ବାଲେଶ୍ୱର ଜଲ୍ଲାରେ ଗତ କିଛିଦିନ ଧରି କ୍ରମାଗତ ଭାବେ ବଢ଼ି ଚାଲିଥିବା କରୋନା ସଂକ୍ରମଣକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଆତଙ୍କ ଦେଖାଯାଇଛି। ବିଶେଷ କରି ସ୍ଥାନୀୟ ସଂକ୍ରମଣ ବୃଦ୍ଧି ଯୋଗୁଁ ଜିଲ୍ଲାର ସ୍ଥିତି ସଙ୍ଗୀନ ଆଡ଼କୁ ଯାଉଥିବା ଲକ୍ଷ୍ୟ କରାଯାଇଛି। ଏହା ଗୋଷ୍ଠୀ ସଂକ୍ରମଣର ରୂପ ନେବାକୁ ଯାଉଛି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୭୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଆଜି ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୧୮ରେ ପହଞ୍ଚିଛି। ଅଦ୍ୟାବଧି ୮୯୮ ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୪୧୨ଜଣ କରୋନା ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ରଖି ଚିକିତ୍ସା କରାଯାଉଛି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ ଚିହ୍ନଟ ହୋଇଥିବା ପିଜିଟିଭ୍‌ଙ୍କ ମଧ୍ୟରୁ ୪ଟି କ୍ୱାରେଣ୍ଟାଇନ୍ କେସ୍ ଥିବା ବେଳେ ଅନ୍ୟ ୬୯ଟି ସ୍ଥାନୀୟ ସଂକ୍ରମଣ ବୋଲି ସରକାରୀ ସୂତ୍ରରୁ ଜଣାଯାଇଛି। କ୍ୱାରେଣ୍ଟାଇନ୍ କେସ୍ ମଧ୍ୟରୁ ରେମୁଣା ବ୍ଲକ ବିଦ୍ୟାଧରପୁର ଅଞ୍ଚଳର ୩୨ ବର୍ଷର ପୁରୁଷ, ଖଇରା ରାଟିନା ଅଞ୍ଚଳର୨୪ ବର୍ଷର ମହିଳା ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି କରୋନା ପଜିଟିଭ୍ ହୋଇଥିବା ବେଳେ ବାଲେଶ୍ୱର ପୌରାଞ୍ଚଳର ଗଳପୋଲର ୨୫ ବର୍ଷର ମହିଳା ଓ ବାହାନଗା ବ୍ଲକ ଗୋପାଳପୁରର ୫୮ ବର୍ଷର ମହିଳା କଟକ ବଡ଼ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯାଇଥିବା ସେମାନେ କରୋନା ସଂକ୍ରମିତ ହୋଇଛନ୍ତି। ସେହି ଜିଲ୍ଲାର ଭୋଗରାଇ ବ୍ଲକ ପୁଟିଣା ପଞ୍ଚାୟତରୁ ସର୍ବାଧିକ ୨୯ ଜଣ ସ୍ଥାନୀୟ ସଂକ୍ରମିତ ଚିହ୍ନଟ ହେବା ଜିଲ୍ଲା ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି। ଏନେଇ ପୁଟିଣା ପଞ୍ଚାୟତର ସଂକ୍ରମିତ ଅଞ୍ଚଳକୁ ପ୍ରଶାସପନ ପକ୍ଷରୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ପୁଟିଣାରୁ ୨୮ ଜଣ ପୁରୁଷ ଓ ଜଣେ ମହିଳା ଗତ ୨୪ ଘଣ୍ଟା ମଧ୍ୟରେ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ସେହିପରି ବାଲେଶ୍ୱର ସହରରୁ ମଧ୍ୟ ଏକକାଳୀନ ୨୭ ଜଣ ସ୍ଥାନୀୟ ସଂକ୍ରମିତ ଚିହ୍ନଟ ହେବା ସହରବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଜିଲ୍ଲାର ନୀଳଗିରି ଅଞ୍ଚଳର କରୋନା ସଂକ୍ରମିତ ୫୫ ବର୍ଷୀୟା ମହିଳାଙ୍କର ମୃତ୍ୟୁ ହୋଇଯାଇଛି। ଅଦ୍ୟାବଧି ଜିଲ୍ଲାର କରୋନା ଜନିତ ମୃତ୍ୟୁ ସଂଖ୍ୟା ୪ରେ ପହଞ୍ଚିଛି। ତେବେ ଗତ କିଛିଦିନ ଧରି ଜିଲ୍ଲାରେ କ୍ରମାଗତ ଭାବେ ସ୍ଥାନୀୟ ସଂକ୍ରମଣ ବଢ଼ି ଚାଲିଥିବା ବେଳେ ଅଗଷ୍ଟ ମାସ ଶେଷ ସୁଦ୍ଧା ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା କେଉଁଠି ପହଞ୍ଚିବ ତାହାକୁ ନେଇ ସବୁ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏଭଳି ସ୍ଥିତିରେ ଜନସାଧାରଣ ଅଧିକରୁ ଅଧିକ ସତର୍କତା ଅବଲମ୍ବନ ସହ କୋଭିଡ୍ ନିୟମ ପାଳନ ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

'ବୟନିକା'କୁ ୧୫ କୋଟି ଟଙ୍କାର ମୂଳଧନ ଯୋଗାଇବେ ରାଜ୍ୟ ସରକାର

ଭୁବନେଶ୍ୱର,୮।୮ (ନି.ପ୍ର): ଗତବର୍ଷ ତୁଳନାରେ 'ବୟନିକା' ଚଳିତ ବର୍ଷ ୨୦ କୋଟି ଟଙ୍କାର ବ୍ୟବସାୟ ଏ ଯାବତ୍ ହରାଇ ସାରିଛି । ଯଦି ଏହି କୋଭିଡ୍ ସମସ୍ୟା ଶୀଘ୍ର ଦୂରୀଭୂତ ନହୁଏ 'ବୟନିକା' ଅଧିକ ବ୍ୟବସାୟ ହରାଇବ। ଏହାକୁ ଦୃଷ୍ଟିରେ ରଖି ଏବଂ ବୁଣାକାରଙ୍କୁ ନିୟମିତ କାମ ଯୋଗାଇ ତାଙ୍କର ବସ୍ତ୍ରକୁ କିଣିବା ନିମନ୍ତେ ଜାତୀୟ ହସ୍ତତନ୍ତ ଦିବସ ଅବସରରେ ଓଡ଼ିଶା ସରକାର 'ବୟନିକା'କୁ ୧୫ କୋଟି ଟଙ୍କାର ସୁଧମୁକ୍ତ କାର୍ଯ୍ୟକାରୀ ମୂଳଧନ ଯୋଗାଇ ଦେବା ପାଇଁ ନିଷ୍ପତି ଗ୍ରହଣ କରିଛନ୍ତି । ମହାମାରୀ କୋଭିଡ୍ ର ସଂକ୍ରମଣରେ ସମଗ୍ର ରାଜ୍ୟ ତଥା ଦେଶ ପ୍ରପୀଡ଼ିତ । ଏହି ପରିପ୍ରେକ୍ଷୀରେ ବୁଣାକାରଙ୍କ ପ୍ରତି 'ବୟନିକା'ର ଦାୟିତ୍ୱବୋଧତା ବହୁଗୁଣିତ ହୋଇଛି । ଏହି ପରିସ୍ଥିତିରେ ବୁଣାକାରମାନେ ନିଜର ବୃତିକୁ କିପରି ବଂଚାଇ ରଖିବା ସହ ନିଜର ଜୀବିକା ଉପାର୍ଜନ କରିପାରିବେ ସେଥିପାଇଁ ଅପ୍ରେଲ୍ ୨୦ ତାରିଖଠାରୁ ଏ ଯାବତ୍ 'ବୟନିକା' ବିଭିନ୍ନ ବୁଣାକାର ସମବାୟ ସମିତିକୁ ୪ କୋଟି ୩୦ ଲକ୍ଷ ଟଙ୍କାର ସୂତା ଯୋଗାଇ ଦେଇଛି ଏବଂ ସେମାନଙ୍କଠାରୁ ପ୍ରାୟ ୧୦ କୋଟି ଟଙ୍କାର ଲୁଗା କ୍ରୟ କରିଛି । ମଜୁରି ଓ ଲୁଗା ବକେୟା ବାବଦକୁ ସମିତିମାନଙ୍କୁ ୧୨ କୋଟି ୩୮ ଲକ୍ଷ ଟଙ୍କା ପ୍ରଦାନ କରିଛି । ଏହା ଦ୍ୱାରା ଓଡ଼ିଶାର ବୁଣାକାରମାନେ ନିଜର କୌଳିକ ବୃତିକୁ ବଂଚାଇ ରଖିବାରେ ସକ୍ଷମ ହୋଇପାରିଛନ୍ତି ।

କରୋନା ସଂକ୍ରମିତ ଓଡିଆ ଯୁବକଙ୍କ କୋଲକତାରେ ମୃତ୍ୟୁ

ଜଳେଶ୍ୱର, ୮/୮ (ନି.ପ୍ର) : ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ବାଇଗଣବାଡିଆ ପଂଚାୟତରେ ଘଟିଛି ଏକ ଅଭାବନୀୟ ଘଟଣା । ମଧୁସୂଦନ ବାରିକଙ୍କ ଏକମାତ୍ର ପୁଅ ଉତ୍ତମ କୁମାର ବାରିକ (୪୧) ଆଜକୁ ୨୦ବର୍ଷ ତଳେ କୋଲକତା ଯାଇଥିଲେ ପରିବାର ପ୍ରତିପୋଷଣ ପାଇଁ । ସେଠାରେ ଡିସାମ୍ ହସ୍‌ପିଟାଲରେ କେଣ୍ଟିନ୍ ସୁପରଭାଇଜରଭାବେ ତାଙ୍କୁ ସେଠାରେ ନିଯୁକ୍ତି ମିଳିଥିଲା । ସେ ଦି ପଇସା ରୋଜଗାର କରିବା ସହ ପରିବାର ପ୍ରତିପୋଷଣ କରିଆସୁଥିଲେ । ବାଇଗଣବଡିଆ ଅଂଚଳରୁ କେତେକ ଯୁବକଙ୍କୁ ନେଇ ସେ ସେଠାରେ ଅନ୍ନ ସଂସ୍ଥାନ ଯୋଗାଇ ଦେଇଥିଲେ । କିନ୍ତୁ ଗତ ଜୁଲାଇ ମାସ ୧୯ ତାରିଖରେ ତାଙ୍କ ଥଣ୍ଡା ଜ୍ୱର, କାଶ ଇତ୍ୟାଦି ଲାଗି ରହିବାରୁ ସେ ସେହି ହସ୍‌ପିଟାଲ ଡିସାନ୍‌ରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ । ସେଠାରେ ତାଙ୍କର କରୋନା ପଜେଟିଭ୍ ଥିବାର ଡାକ୍ତରଖାନା ପକ୍ଷରୁ ଜଣାଇ ଦିଆଯାଇଥିଲା । ସେ ପୂର୍ବରୁ ଡାଇବେଟିସ୍ ଓ ହୃଦ୍‌ରୋଗରେ ପିଡିତ ଥିଲେ ମଧ୍ୟ ଆପତତଃ ସୁସ୍ଥ ଥିଲେ । ତାଙ୍କୁ ସୁସ୍ଥ ହେବାଲାଗି ଅଧିକ ଦିନ ସମୟ ଲାଗିବ ବୋଲି ଡାକ୍ତରଖାନା ପକ୍ଷରୁ ଜଣାଇ ଦିଆଯାଇଥିଲେ ମଧ୍ୟ ଗତ ୭ତାରିଖ ଦିନ ୧ଘଣ୍ଟା ୪୫ ମି. ସମୟରେ ଗୋଲ ବଜାରସ୍ଥିତ ଡିସାନ୍‌ହସ୍‌ପିଟାଲରେ ତାଙ୍କର ମୃତ୍ୟୁ ଘଟିଛି । ମୃତ ଉତ୍ତମ ବାରିକଙ୍କ ୮୫ବର୍ଷର ବାପା ଓ ୮୦ବର୍ଷର ମାଆ, ସ୍ତ୍ରୀ ରଂଜିତା , ଝିଅ ରଶ୍ମିଲତା, ପୁଅ ପ୍ରିତମ୍ ଏବେ ବେସାହାରା ହୋଇ ପଡିଛନ୍ତି । ଏହି ଘଟଣା ଜଣାଯିବାପରେ ଜଳେଶ୍ୱର ବ୍ଲକର ବାଇଗଣ ବାଡିଆ ଅଂଚଳରେ ଶୋକର ଛାୟା ଖେଳି ଯାଇଛି । ଜିଲାପାଳ ଓ ଓଡିଶା ସରକାର ଏ ସଂପର୍କରେ ହସ୍ତକ୍ଷେପ କରି ଡିସାନ୍ ହସ୍‌ପିଟାଲର କର୍ତ୍ତୃପକ୍ଷ ଉତ୍ତମର ପରିବାରକୁ ସହାୟତା ଯୋଗାଇ ଦେବାକୁ ନିବେଦନ କରିଛନ୍ତି ।

ବାଲେଶ୍ୱରରେ ସପ୍ତାହାନ୍ତ ସଟ୍ ଡାଉନ୍ ସଫଳ

ବାଲେଶ୍ୱର,୮।୮ (ନି.ପ୍ର): ଅନଲକ୍-୩ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶାରେ କିଛିମାତ୍ରାରେ କରୋନା କଟକଣା ହ୍ରାସ କରାଯାଇଥିଲେ ବି ବାଲେଶ୍ୱରର କରୋନା ସଂକ୍ରମଣ ବୃଦ୍ଧିକୁ ଗୁରୁତ୍ୱ ଦେଇ ଜିଲ୍ଲାପାଳ ପୂର୍ବଭଳି ସମଗ୍ର ଜିଲ୍ଲାରେ ସପ୍ତାହାନ୍ତ ସଟଡାଉନ ବଳବତ୍ତର ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ଅଗଷ୍ଟ ମାସର ପ୍ରଥମ ସପ୍ତାହାନ୍ତ ଦୁଇଦିନିଆ ସଟ୍ ଡାଉନ୍ ଜିଲ୍ଲାରେ ବେଶ୍ ସଫଳତାର କାର୍ଯ୍ୟକାରୀ ହୋଇଥିବା ଦେଖିବାକୁ ମିଳିଛି। ସହର ସମେତ ଜିଲ୍ଲାର ଜନସାଧାରଣ ଏହି ସଟ୍ ଡାଉନ୍ ନିୟମକୁ ବେଶ୍ ଗୁରୁତ୍ୱର ସହ ପାଳନ କରୁଛନ୍ତି। ବାଲେଶ୍ୱରରେ ବୃଦ୍ଧି ପାଇଚାଲିଥିବା କରୋନା ସଂକ୍ରମଣର ଭୟ ଯୋଗୁଁ ଲୋକେ ଘରୁ ବାହାରି ନଥିଲେ। ସମସ୍ତେ ଘରେ ରହିବା ସହ ଅତି ଆବଶ୍ୟକ କ୍ଷେତ୍ରରେ ପଲିସ ଓ ପ୍ରଶାସନର ଅନୁମତି ନେଇ କାଁଭାଁ ଲୋକେ ବାହାରକୁ ବାହାରିଥିଲେ। ରାସ୍ତାଘାଟ ସମ୍ପୂର୍ଣ୍ଣ ଖାଁ ଖାଁ ଲାଗୁଥିଲା। ଜିଲ୍ଲାର ସମସ୍ତ ପ୍ରବେଶ ପଥକୁ ସିଲ୍ ସହ ପୁଲିସ ପକ୍ଷରୁ କଡ଼ା ପହରା ଓ ଯାଞ୍ଚ ବ୍ୟବସ୍ଥା କରାଯାଇଥିଲା। ଏହା ବ୍ୟତୀତ ସହରର ବିଭିନ୍ନ ଛକରେ ଦଳ ଦଳ ପୁଲିସ କର୍ମଚାରୀ ଡ୍ୟୁଟି କରୁଥିବା ଦେଖିବାକୁ ମିଳିଛି। ରାସ୍ତାରେ ଯାଉଥିବା ଲୋକଙ୍କୁ ଅଟକାଇ ସଟ୍ ଡାଉନ୍‌ରେ ଘରୁ ବାହାରିବାର କାରଣ ପଚାରିବା ସହ ଯାଞ୍ଚ ବି କରୁଥିଲେ। ଅନ୍ୟ ପକ୍ଷରେ ଏକାଧିକ ପୁଲିସ ପାଟ୍ରୋଲିଂ ଗାଡ଼ି ସହରରେ ପଇଁତିରା ମାରିବା ସହିତ ସଟ୍ ଡାଉନ୍‌ର ସ୍ଥିତି ଅନୁଧ୍ୟାନ କରୁଥିଲା। ସେହିଭଳି ପଦସ୍ଥ ପୁଲିସ ଅଧିକାରୀମାନେ ମଧ୍ୟ ସହରର ବିଭିନ୍ନ ଅଞ୍ଚଳ ବୁଲିବା ସହିତ ସଟ ଡାଉନ୍ କାର୍ଯ୍ୟକାରିତା ଉପରେ ନଜର ରଖିଥିଲେ। ମୋଟ୍ ଉପରେ ସଚେତନ ଜିଲ୍ଲାବାସୀଙ୍କ ସହଯୋଗରୁ ବାଲେଶ୍ୱରରେ ଅନଲକ୍-୩ର ପ୍ରଥମ ସପ୍ତାହାନ୍ତ ସଟ୍ ଡାଉନ୍ ବାଲେଶ୍ୱରରେ ବେଶ ପ୍ରତିଫଳିତ ହେଉଥିବା ଲକ୍ଷ୍ୟ କରାଯାଇଛି। ତେବେ ଜିଲ୍ଲାରେ କରୋନା ସଂକ୍ରମଣ ବଢ଼ିଚାଲିଥିବା ବେଳେ ଆସନ୍ତା ସେପ୍ଟେମ୍ବର ମାସ ସୁଦ୍ଧା ଜିଲ୍ଲାର ସ୍ଥିତି କ'ଣ କଣ ରହିବ ତାହାକୁ ନେଇ ଲୋକଙ୍କ ମଧ୍ୟରେ ଉଦବେଗ ଦେଖାଯାଇଛି। କରୋନା ସଂକ୍ରମଣ ରୋକିବା ପାଇଁ ସବୁ ମହଲରୁ ସତର୍କତା ଅବଲମ୍ବନ ସହ ସାମାଜିକ ଦୂରତ୍ୱ ରକ୍ଷା, ମାସ୍କ ଓ ସାନିଟାଇଜର ବ୍ୟବହାର ଉପରେ ପ୍ରଶାସନ ପକ୍ଷରୁ ଅଧିକ ଗୁରୁତ୍ୱ ଦିଆଯାଉଛି।

ସୁରେଶ ପୂଜାରୀଙ୍କ ଆରୋଗ୍ୟ କାମନା କଲେ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ

ଭୁବନେଶ୍ୱର,୮।୮ (ନି.ପ୍ର): ବରଗଡ ସାଂସଦ ସୁରେଶ ପୂଜାରୀ କରୋନା ଆକ୍ରାନ୍ତ ହେବା ପରେ କେନ୍ଦ୍ର ମନ୍ତ୍ରୀ ପ୍ରତୀପ ଷଡଙ୍ଗୀ ତାଙ୍କର ଆରୋଗ୍ୟ କାମନା କରିଛନ୍ତି । ଶ୍ରୀ ଷଡଙ୍ଗୀ ଟ୍ୱିଟ କରି କହିଛନ୍ତି ଯେ ମା ସମଲେଶ୍ୱରୀ ଆପଣଙ୍କୁ ଶୀଘ୍ର ସୁସ୍ଥ କରାନ୍ତୁ ଓ ପୂର୍ବାପେକ୍ଷା ଅଧିକ ସକ୍ରିୟତାର ସହ ଜନସେବାରେ ନିୟୋଜିତ ହେବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ଏହାହିଁ ମୋର କାମନା । ବରଗଡ ସହିତ ସାରା ଓଡିଶାବାସୀଙ୍କ ଭଲ ପାଇବା ଓ ଆଶୀର୍ବାଦ ଆପଣଙ୍କ ସହ ଅଛି ବୋଲି ସେ ଟ୍ୱିଟରେ କହିଛନ୍ତି ।

ମୋ ପରିବାର ସଂଗଠନ ପକ୍ଷରୁ ବୃକ୍ଷରୋପଣ ଓ ସାମାଜିକ ସଚେତନତା କାର୍ଯ୍ୟକ୍ରମ

ଜଳେଶ୍ୱର,୮।୮ (ନି.ପ୍ର): ଜଳେଶ୍ୱର ସହରରେ କେତେକ ଯୁବକ ମିଳିତଭାବେ ମେଆଇ ହେଳ୍ପ ୟୁ, ମୋ ପରିବାର ନାମକ ଏକ ନୂତନ ସଂସ୍ଥା ଗଠନ କରିଛନ୍ତି । ଗତ ଶୁକ୍ରବାରରେ ସେ ଶାନ୍ତିଆ ଗାନ୍ଧିଆଶ୍ରମ ପରିସରରେ ବୃକ୍ଷରୋପଣ, ଅନ୍ତେବାସୀଙ୍କୁ ସୁଖିଲା ଖାଦ୍ୟବଣ୍ଟନ ଓ ମାସ୍କ ଲଗାଇଆ ଆବଶ୍ୟକତା ସଂପର୍କରେ ସଚେତନତା କରିଥିଲେ । ଜଳେଶ୍ୱର ବଜାରର କେତେକ ସମ୍ବେଦନଶୀଳ ସ୍ଥାନକୁ ପକ୍ସାର ପରିଚ୍ଛନ୍ନ କରିବା ସଂପର୍କରେ ମଧ୍ୟ ଏକ ଆଲୋଚନାଚକ୍ରରେ ସିଦ୍ଧାନ୍ତ ନେଇଛନ୍ତି । ଏହି କାର୍ଯ୍ୟକ୍ରମର ଆବାହକ ଜଗନ୍ନାଥ ପରିଡା ଅଧ୍ୟକ୍ଷତା କରିଥିବା ବେଳେ ବରିଷ୍ଠ ସଦସ୍ୟ ସତ୍ୟବ୍ରତ ପ୍ରମାଣିକ ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଆଶୁତୋଷ ଜେନା, ଚନ୍ଦନ ପାତ୍ର, ଅଜିତ୍ ଜେନା, ତୁଫାନ ଆଚାର୍ଯ୍ୟ ଓ ଇପ୍‌ସିତା ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ସେ କେତେକ କରୋନାଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

ନୀଳଗିରିରେ ପ୍ରଥମ କରୋନା ମୃତ୍ୟୁ : ପ୍ରଶାସନ ସହରକୁ କଲା ନାକାବନ୍ଦୀ

ନୀଳଗିରି,୮।୮ (ନି.ପ୍ର): କରୋନା ବା କୋଭିଡ - ୧୯ ଭୟାବହତା ଏବେ ସମଗ୍ର ବିଶ୍ୱରେ ହୁହୁ ହୋଇ କାୟା ବିସ୍ତାର କରିବାରେ ଲାଗିଛି । ଓଡିଶାରେ ମଧ୍ୟ ଗତ ଜୁଲାଇ ଓ ଅଗଷ୍ଟ ମାସରେ ଏହି ଭୁତାଣୁ ସଂକ୍ରମଣ ବଢିଚାଲିଛି । ମୃତ୍ୟୁସଂଖ୍ୟା ମଧ୍ୟ ବଢିବାରେ ଲାଗିଛି । ନୀଳଗିରି ଘାଟଘରସାହି ୨ ନଂଓ୍ୱାର୍ଡର ୫୮ ବର୍ଷୀୟ ଜଣେ ଯୁବକ ଏହି ରୋଗରେ ପୀଡିତ ଥାଇକିଛି ଦିନ ପୁର୍ବରୁ କୋଭିଡ ହସ୍ପିଟାଲରେ ଭର୍ତି ହୋଇ ଚିକିତ୍ସିତ ହେଉଥିଲେ । ଆଜି ପୁର୍ବାହ୍ନରେ ତାଙ୍କର ମୃତ୍ୟୁ ହୋଇଯାଇଛି । ତାଙ୍କ ପରିବାରର ଅନ୍ୟ ୪ ଜଣ ମଧ୍ୟ ଏହି ଭୁତାଣୁ ସଂକ୍ରମଣରେ ସଂକ୍ରମିତ ହୋଇଥିବାର ସୁଚନା ରହିଛି । ଏ ନେଇ ପୁରା ସହରକୁ ପୋଲିସ ନାକାବନ୍ଦି କରିବା ସହିତ ସମ୍ପୁର୍ଣ୍ଣ ସହରକୁ ସିଲ କରିଛି । ଏହି ଖବର ପ୍ରଚାରିତ ହେବାସହ ସମସ୍ତ ସହର ସମେତ ଆଖପାଖ ଅଂଚଳରେ ଲୋକମାନେ ଭୟଭୀତ ହୋଇଥିବା ଜଣାପଯାଇଛି ।

ଗୋଟିଏ ଦିନରେ ୧୬୪୩ କରୋନା ଆକ୍ରାନ୍ତ ଚିହ୍ନଟ : ମୋଟ ମାମଲା ୪୪୧୯୩କୁ ବୃଦ୍ଧି

ଭୁବନେଶ୍ୱର,୮।୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୬୪୩ ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୪୪୧୯୩ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୧୬୪୩ ଜଣଙ୍କ ମଧ୍ୟରୁ ୧୦୧୮ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୬୨୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା